# ମା' ହିଙ୍ଗୁଳାଙ୍କ ଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା

■ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶାସନର ଅଣଦେଖା
■ ଚାରିଆଡ଼େ ପଡ଼ିଛି କୁଢ଼ କୁଢ଼ ପଲିଥିନ
■ ଯାତ୍ରାର ଆୟ ବ୍ୟୟ ସାର୍ବଜନିନ କରିବାକୁ ଦାବି

ତାଳଚେର ସଦର, ୨୩।୪(ସମିସ): ତାଳଚେର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା



ଓ ୨୦ତମ ଲୋକମହୋତ୍ସବ ଗତକାଲି ଠାରୁ ଆରମ୍ଭ ହୋଇଛି। ପ୍ରାୟ ୯ଦିନ ବ୍ୟାପୀ ଏହାର ପ୍ରଚାର ପ୍ରସାର ନିମନ୍ତେ ବିଭିନ୍ନ ରାଜ୍ୟରୁ କଳାକାରଙ୍କୁ ଆଣି ହିଙ୍ଗୁଳା ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ମା'ଙ୍କ ଯାତ୍ରାରେ ଗତକାଲି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟତିକ୍ରମ ଦେଖାଦେଇଥିଲା। ଯାହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ପଲିଥିନ୍ ମୁକ୍ତ କରିବା ଲାଗି କୁହାଯାଇଥିବା ବେଳେ ମା'ଙ୍କ ଯାତ୍ରାସ୍ଥଳୀ ଠାରୁ ଆରମ୍ଭ କରି ଜୁଆଡ଼େ ଦେଖିବ ସିଆଡ଼େ କୁଢ଼ କୁଢ଼ ପଲିଥିନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରାରେ ଚଳିତବର୍ଷ ଛିନ୍ତାଇ, ଚେନ ଲୁଟେରା, ପକେଟ୍ମାର ଓ ରୋମିଓମାନଙ୍କ ଅସଦାଚାରଣରେ ଶ୍ରଦ୍ଧାଳୁ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହୋଇଥିଲା। ମା' କରଡ଼େଇ ମନ୍ଦିରଠାରୁ ଉଭାସ୍ଥଳୀ ରାସ୍ତା ପର୍ଯ୍ୟନ୍ତ ଜଳସାଙ୍ଗକୁ ମହିଳାଙ୍କ ପାଇଁ ଶୌଚାଳୟବ୍ୟବସ୍ଥା ହୋଇପାରିନଥିବାରୁ ମହିଳାମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚଳିତବର୍ଷ ମା' ହିଙ୍ଗୁଳା ଗୋପାଳ ପ୍ରସାଦ ହାଇସ୍କୁଲ ପାଖ ଗଜରାଜ ଷ୍ଟାଡିୟମରେ ଉଭା ହୋଇଛନ୍ତି। ମା' ଙ୍କ ଦର୍ଶନ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭିଡ଼ ହୋଇଥିଲା, ମାତ୍ର ନିକଟରେ ହିଙ୍ଗୁଳା ପୋଖରୀୟା ଖଣିରେ ସୁରକ୍ଷା ପାଚେରି ନଥିବାରୁ କେତେକ ଶ୍ରଦ୍ଧାଳୁ ବିପଦଜନକ ଅବସ୍ଥାରେ ସେଲ୍ଫି ଉଠାଇଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥଳେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିବାରୁ ଖଣି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଅବହେଳା ଦେଖିବାକୁ ମିଳିଥିଲା। ଏପରିକି, ବିଭିନ୍ନ ଦଳୀୟ ଭିଆଇପି ଲୋକଙ୍କ ନିମନ୍ତେ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରାଯାଇଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶାସନ ପକ୍ଷରୁ ସାମାନ୍ୟତମ ଦୃଷ୍ଟି ଦିଆ ନଯିବା ଘଟଣା ଗଣମାଧ୍ୟମ ପ୍ରତିନିଧିଙ୍କ ମହଲରେ ଅସନ୍ତୋଷ ବଢାଇଥିଲା। ସାଧାରଣ ଲୋକଙ୍କ ପ୍ରତି ସତେ ଯେପରି ପ୍ରଶାସନ ଆଖିବୁଜି ଦେଇଥିବା ଭଳି ଅବସ୍ଥା ଦେଖାଦେଇଥିଲା। ମା'ଙ୍କ ଯାତ୍ରାରେ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଉଦ୍ଦେଶ୍ୟରେ ଆବର୍ଜନା କୁଣ୍ଡ ବ୍ୟବହାର ପ୍ରତି ଲୋକଙ୍କୁ ସଚେତନ କରାଯାଇ ନଥିଲା। ସେହିପରି ୪ କିମି ରାସ୍ତା ଚାଲିବା ବେଳେ ବରିଷ୍ଠ, ଭିନ୍ନକ୍ଷମଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ସେମାନେ ଯାତ୍ରା ନଦେଖିପାରି ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ କ୍ଷୋଭ ପ୍ରକାଶ କରିଥିଲେ। ଟ୍ରାଫିକ ବ୍ୟବସ୍ଥା ମଧ୍ୟ ନିୟନ୍ତ୍ରଣ ହୋଇନଥିଲା। ପୁନଶ୍ଚ ପ୍ରଶାସନ ଓ ଟ୍ରଷ୍ଟବୋର୍ଡ ପକ୍ଷରୁ ମା'ଙ୍କ ଉଭାସ୍ଥଳୀରେ, ନଡ଼ିଆ, ଧୂପ, ଦୀପ ନ ଲଗାଇବାକୁ ବାରଣ କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନେ ଏହାକୁ ଖାତିର କରି ନଥିଲେ। ସିସି କ୍ୟାମେରା, ଆଲୋକିକରଣ ବ୍ୟବସ୍ଥା ପ୍ରଚୁର ପରିମାଣରେ କରାଯାଇ ନଥିବାରୁ ଏହାର ନାକରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ଉକ୍ତ ଅଞ୍ଚଳବାସୀ, ଏମସିଏଲ ଓ ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସତ୍ତ୍ୱେ ଏହି ଟଙ୍କା କାର୍ଯ୍ୟରେ ନଆସି ଯାଉଛି କୁଆଡ଼େ ବୋଲି ସାଧାରଣରେ ପ୍ରଶ୍ନବାଚୀ ସ୍ପଷ୍ଟ କରିଛି। ଏହି ମା'ଙ୍କ ଦାନଅର୍ଥ ଓ ଯାତ୍ରାରେ ସମସ୍ତ ଆୟବ୍ୟୟ ସାର୍ବଜନୀନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



## ହିଂସାମୁକ୍ତ ନିର୍ବାଚନ ଲାଗି ଜିଲ୍ଲା ପୁଲିସର କାର୍ଯ୍ୟକ୍ରମ

ଅନୁଗୋଳ, ୨୩।୪(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ହିଂସା ମୁକ୍ତ ନିର୍ବାଚନ ଦାୟିତ୍ୱ ନିର୍ବାହ କରିବା ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନେଇଛି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ଦିନରୁ ଅର୍ଥାତ ବିଗତ ମାର୍ଚ୍ଚ ୧୬ ଠାରୁ ଅଦ୍ୟାବଧି ୬୦୪ଟି ମଦ୍ୟପାନ କରି ଗାଡ଼ି ଚଳାଇବା ମୋକଦମା ରୁଜୁ କରି ୬୦୪ ଜଣଙ୍କୁ ୪୧ ସିଆରପିସି ଅନୁଯାୟୀ ନୋଟିସ ଦିଆଯାଇଛି ଓ ସେମାନେ ଚଳାଉଥିବା ଗାଡ଼ିଗୁଡିକୁ ଜବତ କରାଯାଇଛି। ୩୯୭ ମୋକଦମାର ପୂର୍ଣ୍ଣ ଅଭିଯୋଗ ଫର୍ଦ୍ଦ କୋର୍ଟମାନଙ୍କୁ ପ୍ରଦାନ କରାଯାଇସାରିଛି ଓ ୨୦୭ ମୋକଦ୍ଦମାର ଅନୁସନ୍ଧାନ ବାକି ଅଛି। ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚେଇ ଦିଆଯାଉଛି ଯେ, ଯିଏ ଆଇନ ଭାଙ୍ଗେ ତାଙ୍କୁ ତୁରନ୍ତ କୋର୍ଟକୁ ଚାଲାଣ କରାଯିବ। ଏହାଛଡ଼ା କେବଳ ଅନୁଗୋଳ ଟାଉନ ଏରିଆରୁ ଅଦ୍ୟାବଧି ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଅନୁଗୋଳ ଟାଉନ ଥାନା ଏହି ମାସରେ ଅନ୍ୟୁନ ସାତଲକ୍ଷ କୋଡିଏ ହଜାର ଟଙ୍କା ଜରିମାନା ଆଦାୟ କରିସାରିଥିବା ପୁଲିସ ସୂତ୍ରରୁ ପ୍ରକାଶ।



● ମା' ହିଙ୍ଗୁଳାଙ୍କ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ଜମୁଛି ଅଗ୍ନିରୂପାଙ୍କ ପୂଜାସ୍ଥଳୀ



ତାଳଚେର, ୨୩।୪(ସମିସ): ତାଳଚେର ପ୍ରସିଦ୍ଧ ମା' ଅଧିଷ୍ଠାତ୍ରୀଦେବୀ ମା' ହିଙ୍ଗୁଳା ଯାତ୍ରାର ଦ୍ୱିତୀୟ ଦିବସରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ଯାତ୍ରାସ୍ଥଳୀ ଓ ଲୋକମହୋତ୍ସବ ଆଜି ଚଳଚଞ୍ଚଳ ହୋଇଉଠିଛି। ସନ୍ଧ୍ୟାରେ ପାଗ ଅନୁକୂଳ ଥିବାରୁ ଯାତ୍ରାପଡ଼ିଆକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଏହି ଅବସରରେ ଆଜି ମଧ୍ୟପ୍ରଦେଶର ଲୋକକଳା, ରାଜସ୍ଥାନର ଲୋକନୃତ୍ୟ ଓ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆଞ୍ଚଳିକ ନୃତ୍ୟର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ମା'ଙ୍କ ମନ୍ଦିରଟି ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ଦୃଶ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ତେବେ ଏହି ପରିପ୍ରେକ୍ଷୀରେ ଆଜି ମା'ଙ୍କ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। କମିଟି ସଭ୍ୟମାନେ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଯାତ୍ରୀଙ୍କୁ ପ୍ରଚାରପତ୍ର ବଣ୍ଟନ କରି ସଚେତନତା କରାଇଥିଲେ।

## ହିଙ୍ଗୁଳା ଯାତ୍ରା ଉପଲକ୍ଷେ ପୁଲିସର ସୁରକ୍ଷା ବନ୍ଦୋବସ୍ତ

ଅନୁଗୋଳ, ୨୩।୪(ସମିସ): ପ୍ରତେକ ବର୍ଷ ଚୈତ୍ରମାସ ଚତୁର୍ଦ୍ଦଶୀ ତିଥିରେ ମା' ହିଙ୍ଗୁଳା ଦେବୀ ଅନୁଗୋଳ ଜିଲ୍ଲାର ତାଳଚେରସ୍ଥିତ ଗୋପାଳଗଡ଼ରେ ଉଭା ହୋଇଥାନ୍ତି। ଉକ୍ତ ଅବସରରେ ଭକ୍ତମାନଙ୍କର



ବହୁଳ ଆଗମନକୁ ଦୃଷ୍ଟିରେ ରଖି ସେମାନଙ୍କର ସୁରକ୍ଷିତ ଦର୍ଶନ ପାଇଁ ଅନୁଗୋଳ ଜିଲ୍ଲା ପୁଲିସ ତରଫରୁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ଆୟୋଜନ କରାଯାଇଛି। ଏହି ଅବସରରେ ମା' ହିଙ୍ଗୁଳା ଦେବୀଙ୍କ ମନ୍ଦିର ଓ ଉଭାସ୍ଥଳରେ ଭକ୍ତମାନଙ୍କର ଯିବାଆସିବା ଓ ଶୃଙ୍ଖଳିତ ଦର୍ଶନରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇ ୧୬ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ, ୬୧ ସବ-ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କ ସହିତ ୪ ପ୍ଲାଟୁନ ପୁଲିସ ଫୋର୍ସ ତଥା ହାବିଲଦାର କନଷ୍ଟେବଲ ଓ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ଏହାର ତଦାରଖ ଦାୟିତ୍ୱରେ ତିନି ଜଣ ଆଡିସନାଲ ଏସପି ଓ ଡିଏସପି ପାହ୍ୟାର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ତାଳଚେରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ହେତୁ ପୁଲିସ ପାଇଁ ଚାରିଘଣ୍ଟିଆ ଶିଫ୍ଟ ଡ୍ୟୁଟିର ବ୍ୟବସ୍ଥା କରାଯାଇଛି। ଏହି ସମୟରେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ମା' ହିଙ୍ଗୁଳା ଦେବୀଙ୍କ ମନ୍ଦିର ଓ ଉଭାସ୍ଥଳୀ ନିକଟରେ ଏକ ପୁଲିସ ସହାୟତା କେନ୍ଦ୍ର ଖୋଲାଯାଇଛି। ସମସ୍ତ ଜନସାଧାରଣଙ୍କ ସହିତ ଉତ୍ତମ ବ୍ୟବହାର କରି ଅସହାୟ, ମହିଳା, ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଯେମିତି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ପୁଲିସ ସର୍ବଦା ସଜାଗ ଓ ଯତ୍ନବାନ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ନିର୍ବାଚନ ଅଧିକାରୀଙ୍କୁ ପ୍ରଶିକ୍ଷଣ

ଅନୁଗୋଳ, ୨୩।୪(ସମିସ): ସାଧାରଣ ନିର୍ବାଚନ - ୨୦୨୪ ଉପଲକ୍ଷେ ଅନୁଗୋଳ ଜିଲ୍ଲାର ସମସ୍ତ ବିଧାନସଭାର ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କୁ ଅନଲାଇନ ମାଧ୍ୟମରେ 'ସୁବିଧା' ଓ 'ଏନକୋର' ପୋର୍ଟାଲ ଜରିଆରେ ପ୍ରାର୍ଥି ନାମାଙ୍କନ ଦାଖଲ, ଦାଖଲ ନାମାଙ୍କନ ପତ୍ର ଯାଞ୍ଚକରିବା ଓ ଅନ୍ୟ ନିର୍ବାଚନ ପ୍ରକ୍ରିୟାକୁ ନେଇ ଏକ ପ୍ରଶିକ୍ଷଣ ବୈଠକ ଆଭାସୀ ମାଧ୍ୟମରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ପ୍ରଶିକ୍ଷଣ ବୈଠ ରେ 'ସୁବିଧା' ଅନଲାଇନ ପୋର୍ଟାଲ ଯୋଗେ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବା ପ୍ରକ୍ରିୟା ଓ 'ଏନକୋର' ପୋର୍ଟାଲ ଯୋଗେ ନିର୍ବାଚନ ଅଧିକାରୀମାନେ ସେହି ନାମାଙ୍କନ ଦସ୍ତାବିଜକୁ ଯାଞ୍ଚ କରିବା ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ନିର୍ବାଚନ ଅଧିକାରୀଙ୍କ ବୈଷୟିକ ଟିମ୍ ମଧ୍ୟ ଯୋଗଦେଇଥିଲେ। ସୂଚନାଥାଉ କି, ଅନୁଗୋଳ ଜିଲ୍ଲାରେ ଆସନ୍ତା ମଇ ୨୫ ତାରିଖରେ ମତଦାନ ହୋଇଥିବା ବେଳେ, ଚଳିତ ମାସ ୨୯ରେ ବିଧିବଦ୍ଧ ଭାବେ ଗେଜେଟ ନୋଟିଫିକେସନ ପ୍ରକାଶ ପାଇବ। ସେହିପରି ନାମାଙ୍କନର ଶେଷ ତାରିଖ ୬ ମଇ ହୋଇଥିବା ବେଳେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ୯ ମଇ ରହିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଅନୁଗୋଳର ଅଧ୍ୟକ୍ଷ ସୁବ୍ରତ ଚାଟାର୍ଜୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଭୋଟର ସଚେତନତା କାର୍ଯ୍ୟକ୍ରମ

ତାଳଚେର, ୨୩।୪(ସମିସ): ସାଧାରଣ ନିର୍ବାଚନ ୨୦୨୪ରେ ଅନୁଗୋଳ ଜିଲ୍ଲାର ସମସ୍ତ ସ୍ଥାନରେ 'ମତଦାନ' ହାର ବୃଦ୍ଧି ନିମନ୍ତେ ପ୍ରଶାସନ ପକ୍ଷରୁ (ଏସଭିଇପି) ସିଷ୍ଟମେଟିକ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେସନ ଅନ୍ତର୍ଗତ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲ୍ଲାରେ ଥିବା ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ



କରାଯାଉଛି। ସଚେତନତାର ବାର୍ତ୍ତା ନେଇ 'ସିପ୍' ରଥ ଜିଲ୍ଲାର ବିଭିନ୍ନ ଜାଗାରେ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ତାଳଚେର (୬୦) ନିର୍ବାଚନମଣ୍ଡଳୀର ସାଉଥବଲଣ୍ଡା କଲୋନୀ ଏବଂ ଥର୍ମାଲ ଆନନ୍ଦବଜାରଛକ ଠାରେ ଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାନର ଜରିଆରେ ବିଭିନ୍ନ ଦୋକାନ ବଜାରକୁ ଆସୁଥିବା ଗ୍ରାହକମାନଙ୍କୁ ସଚେତନତାର ବାର୍ତ୍ତାଥିବା ଷ୍ଟିକର ବଣ୍ଟାଯାଇଥିଲା। ମୁଖ୍ୟ ଓ ଜନଗହଳି ସ୍ଥାନଗୁଡିକରେ କଳାକାରମାନେ ଲୋକକଳା ମାଧ୍ୟମରେ ଭୋଟରଙ୍କୁ ସଚେତନ କରିଥିଲେ। ସେହିପରି ଗୋବରା ହାଇସ୍କୁଲରେ ଭୋଟ ସଚେତନତା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟ କାର୍ଡ ଲେଖନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ମତଦାନର ମହତ୍ୱକୁ ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

## ବିଜେଡିକୁ ନୂତନ ଯୁବ ଭୋଟରଙ୍କ ସମର୍ଥନ



ସରପଞ୍ଚଙ୍କ ସହ ୨୫ ନୂଆ ଭୋଟର ସାମିଲ

ଅନୁଗୋଳ, ୨୩।୪(ସମିସ): ଅନୁଗୋଳ ବ୍ଲକର ଅନ୍ତୁଳିଆ ଗ୍ରାମ ପଞ୍ଚାୟତର ନୂତନ ଯୁବ ଭୋଟର୍ ବିଜେଡିକୁ ଭୋଟ୍ ଦେବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏହି ଗ୍ରାମ ପଞ୍ଚାୟତର ୨୫ ଜଣ ଯୁବ ନୂତନ ଭୋଟର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରୁ ଉପକୃତ ହେଉଥିବା କହିଛନ୍ତି। ଏହି ପଞ୍ଚାୟତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ହୋଇଥିବାରୁ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଏବଂ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଭୋଟ୍ ଦେବା ପାଇଁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଅନ୍ତୁଳିଆ ପଞ୍ଚାୟତର ଦଣ୍ଡସିଂହା ଆମ୍ବତୋଟାରେ ଅନୁଷ୍ଠିତ ଏକ ସଭାରେ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ସାକ୍ଷାତ କରାଯିବା ସହ ଅନେକ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ନୂତନ ଯୁବ ଭୋଟରଙ୍କୁ ନଳିନୀକାନ୍ତ ପ୍ରଧାନ ବିଜେଡି ଉତ୍ତରୀୟ ପରିଧାନ କରି ସ୍ୱାଗତ କରିଛନ୍ତି। ଏହି ଯୋଗଦାନ ଶିବିରରେ ଅନ୍ତୁଳିଆ ଓ ଟାଇଁସି ଗ୍ରାମ ପଞ୍ଚାୟତର ସରପଞ୍ଚ ଭରତ ବେହେରା, ସୌଦାମିନି ପ୍ରଧାନ ଏବଂ ଅନୁଗୋଳ ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ବିଜେପିର ସକ୍ରିୟ କର୍ମୀ



ବଅଁରପାଳ, ୨୩।୪(ସମିସ): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଆମନା, ସଞ୍ଜାପଡ଼ା ପଞ୍ଚାୟତର ବହୁ ସଂଖ୍ୟକ ବିଜେପିର ସକ୍ରିୟ କର୍ମୀ ଦଳ ଛାଡ଼ି ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ସ୍ଥାନୀୟ ସବେରା ମଣ୍ଡପରେ ବିଜେଡି ନେତା ସମୀର ବେହେରା ଓ ଶ୍ରୀକାନ୍ତ ପ୍ରଧାନ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପି ଛାଡିଥିବା ସୂଚନା ଦେଇଥିଲେ। ଚିନ୍ମୟ ବେହେରା, ବିମଳ ନାଏକ, ରାଜେଶ ସାହୁ, ବାପି ନାଏକ, ରଞ୍ଜନ ଘଡେଇ ଓ ପାପୁନ ନାଏକ ପ୍ରମୁଖ ସକ୍ରିୟ କର୍ମୀଙ୍କ ସମେତ ବହୁ କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

ଭାଙ୍ଗୁଛି ବିଜେପି ଓ କଂଗ୍ରେସ ଶିବିର

## ବିଜେଡିରେ ଯୋଗଦେଲେ ୫୦ରୁ ଉର୍ଦ୍ଧ୍ୱ କର୍ମୀ

ଛେଣ୍ଡିପଦା, ୨୩।୪(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କାଙ୍କରେଇ ଓ ନିଶା ଗ୍ରାମ ପଞ୍ଚାୟତଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ଯୋଗ ଦେଇଛନ୍ତି। ଛେଣ୍ଡିପଦାକୁ ବିଜୁ ଜନତା ଦଳର ବ୍ଲକ ସଭାପତି ଶରତ ଗଡ଼ନାୟକଙ୍କ ନେତୃତ୍ୱରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କଙ୍କରେଇ ଓ ନିଶା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖିଆୟୋଜିୟକର୍ମୀ ସମ୍ମିଳନୀରେ ଛେଣ୍ଡିପଦା ବିଧାୟକ ପାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ସହିତ ଅଞ୍ଚଳର ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ଉଦ୍ୟମ କରିଆସିଛି ବୋଲି କହିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଯୋଗଦେଇଥିବା ଶତାଧିକ କର୍ମୀ ତଥା ଭୋଟରଙ୍କୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ସ୍ୱାଗତ କରିବା ସହିତ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କାର୍ଯ୍ୟରେ ପରିଣତ କରିନ୍ତି। ତାଙ୍କର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ସହିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କୁ ଆକୃଷ୍ଟ କରିଛି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ସୁଦୃଢ଼ ରହିଛି ଓ ଆଗକୁ ମଧ୍ୟ ସୁଦୃଢ଼ ରହିବ ବୋଲି ବିଧାୟକ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା ଓ ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁଙ୍କ ନେତୃତ୍ୱରେ ପଙ୍କଜ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସୁଶାନ୍ତ ସାହୁ, ବିଶ୍ୱଜିତ ନାଏକ, ମନୋରଞ୍ଜନ ସାହୁ, କାହ୍ନା ସ୍ୱାଇଁ, କବି ବେହେରା, ସଂଗ୍ରାମୀ ସ୍ୱାଇଁଙ୍କ ସମେତ ପ୍ରାୟ ୨୬ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିବା ବେଳେ କାଙ୍କରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ ବିଶିକେଶନ ସାହୁ ଅମର ପ୍ରଧାନ, ସୁଜିତ ପ୍ରଧାନ, ସନ୍ତୁ ପ୍ରଧାନ, , ସିପୁ ସାହୁ, କ୍ଷୀରୋଦ ସାହୁଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦାକୁ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଅଗ୍ରୱାଲ, ମହିଳା ସଭାପତି ଜୋସ୍ନା ସାହୁ, ଯୁଗ୍ମ ସମ୍ପାଦକ ଦୀପକ ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା, ଜୋନ ପର୍ଯ୍ୟବେକ୍ଷକ ଦିଲୀପ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇ ଦଳ ବିପୁଳ ଭୋଟରେ ବିଜୟ ଲାଭ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।



୩ୟ ଜନ୍ମବାର୍ଷିକ ଶୁଭେଚ୍ଛା

ଶ୍ରୀୟାଂଶୀ
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଜି ଜନ୍ମଦିନରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ:
ବାପା, ମାମା ଓ ପରିବାରବର୍ଗ

୫ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ଡାକ୍ତର ଲଳିତେନ୍ଦୁ ଜେନା
ଗଙ୍ଗାମନ୍ଦିର, କଟକ
ଆବିର୍ଭାବ : ତା୧୮।୦୨।୧୯୭୦ରିଖ
ତିରୋଧାନ : ତା୧୯।୦୪।୨୦୧୯ରିଖ
ତୁମେ ସିନା ଆମକୁ ଛାଡ଼ି ଚାଲିଗଲ, ହେଲେ ତୁମର ଅବର୍ତ୍ତମାନରେ ଆଜି ବି ତୁମର ସେ ଅଭୁଲା ସ୍ମୃତି ସବୁ ପ୍ରତି ମୁହୂର୍ତ୍ତରେ ଆମ ମନକୁ ଆନ୍ଦୋଳିତ କରୁଛି। ତୁମ ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହୋଇ ପ୍ରଭୁ ପାଦପଦ୍ମରେ ଲୀନ ହେଉ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଗୋପୀନାଥ ଦାଶ
ଗୋବିନ୍ଦପୁର, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୦୧.୧୦.୧୯୩୧
ତିରୋଧାନ: ୧୬.୦୪.୨୦୨୪
ଲିଭିଗଲା ତୁମ ପରାଣ ପ୍ରଦୀପ, ସରିଗଲା ତୁମ ଆୟୁ।
ସବୁକିଛି ଆମେ ହରାଇ ବସିଲୁ, ଫେରିବନି ତୁମେ କେବେ ବି ଆଉ।
ଶୋକସନ୍ତପ୍ତ: ଗୌରହରି, ଭକ୍ତହରି, ସଞ୍ଜୟ ଓ ବନ୍ଧୁଜନ ଓ ପରିବାରବର୍ଗ

# ମହେଶ ସାହୁଙ୍କୁ ନେଇ ଭୋଟର ଉତ୍ସାହିତ

## ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକର ବିକାଶ ପାଇଁ ସମର୍ପିତ ନେତା

**ଢେଙ୍କାନାଳ, ୨୩।୪ (ସମିସ) :** ଢେଙ୍କାନାଳ ଲୋକସଭା କ୍ଷେତ୍ରର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ମହେଶ ସାହୁଙ୍କୁ ବିଜେଡି ଟିକେଟ ମିଳିବା ପରେ ଓଡାପଡ଼ା ଏବଂ ହିନ୍ଦୋଳ ବ୍ଲକର ଭୋଟରମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଜଣେ ସାଂସଦ ଭାବରେ ମହେଶ ସାହୁ ଲୋକପ୍ରିୟତାର ଶୀର୍ଷରେ ଥିବା ବେଳେ ତାଙ୍କୁ ଓଡାପଡ଼ା ଏବଂ ହିନ୍ଦୋଳ ଭୋଟରମାନେ ସହଜେ ଗ୍ରହଣ କରି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇବେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନାର ବିଷୟ ହୋଇଛି।

ସାଂସଦ ମହେଶ ସାହୁ ୨୦୧୪ ରେ ବିଜେଡି ପକ୍ଷରୁ ପାଲଲହଡ଼ା ବିଧାୟକ ଭାବରେ ନିର୍ବାଚିତ ହୋଇଥିବା ବେଳେ ତାଲଚେର ନିର୍ବାଚନ ମଣ୍ଡଳୀରୁ ୧୯୯୫, ୨୦୦୦ ଓ ୨୦୦୪ ରେ ନିର୍ବାଚନରେ ବିଜୟୀ ହୋଇଥିଲେ। ୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ଭାବରେ ତାଲଚେର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କ ଠାରୁ ପରାଜିତ ହୋଇଥିଲେ। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଓଡ଼ିଶା ପଣ୍ୟାଗାର ନିଗମ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦେଇଥିଲେ। ୨୦୧୯ ନିର୍ବାଚନରେ ମହେଶ ସାହୁ ଢେଙ୍କାନାଳ ଲୋକସଭା ଆସନରେ ବିଜେପିର ରୁଦ୍ରନାରାୟଣ ପାଣିଙ୍କୁ ୩୫ ହଜାର ୪୧୨ ଭୋଟ ବ୍ୟବଧାନରେ ହରାଇଥିଲେ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ହିନ୍ଦୋଳ ବ୍ଲକର ସମସ୍ତ ୩୫ ଟି ପଞ୍ଚାୟତ, ଓଡାପଡ଼ା ବ୍ଲକର ୨୮ ଗ୍ରାମପଞ୍ଚାୟତ ଓ ହିନ୍ଦୋଳ ଏନଏସିର ୧୬ ଟି ୱାର୍ଡକୁ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩ ଲକ୍ଷ ୮ ହଜାର ୫୯୯ରୁ ଅଧିକ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ଓଡାପଡ଼ା ବ୍ଲକରେ



ଏସସିଙ୍କ ସଂଖ୍ୟା ୩୨ ହଜାର ୩୭୯ ରହିଥିବା ବେଳେ ଏସଟିଙ୍କ ସଂଖ୍ୟା ୧୧ ହଜାର ୬୭୨ ଏବଂ ହିନ୍ଦୋଳ ବ୍ଲକରେ ଏସସିଙ୍କ ସଂଖ୍ୟା ୩୭ ହଜାର ୧୮୮ ରହିଥିବା ବେଳେ ଏସଟିଙ୍କ ସଂଖ୍ୟା ୧୧ ହଜାର ୧୯୨ ରହିଥିବାର ଜଣାପଡ଼ିଛି। ତେବେ ମୋଟ ୯୨ ହଜାର ୪୩୧ ଏସସି ଓ ଏସଟି ଭୋଟର ରହିଥିବା ବେଳେ ସାଧାରଣ ଭୋଟଙ୍କ ସଂଖ୍ୟା ୨ ଲକ୍ଷ ୧୬ ହଜାର ୧୬୮ ରହିଛନ୍ତି। ଗତ ୨୦୦୦ ମସିହା ଠାରୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଜୟ ହାସଲ କରୁଛି। ୨୦୧୪ ନିର୍ବାଚନରେ ବିଜେଡି ଟିକେଟରେ ସୀମାରାଣୀ ନାୟକ ନିର୍ବାଚନ ଲଢ଼ି ସର୍ବାଧିକ ୮୪ ହଜାର ୩୫୧ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ସୀମାରାଣୀ ୯୩୯୮୦ ଭୋଟ ପାଇ ବିଜୟୀ ହୋଇଥିଲେ। କିନ୍ତୁ ଏଥର ବିଜେଡି ମହେଶ ସାହୁଙ୍କୁ ଟିକେଟ ପ୍ରଦାନ କରିଛି। ଅନେକ ସମସ୍ୟା ହିନ୍ଦୋଳରେ ରହିଥିବା ବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କ୍ଷେତ୍ରରେ ମଧ୍ୟ ଅବହେଳିତ ଭାବରେ ରହିଛି। ଦୀର୍ଘଦିନ ହେବ ବିଧାୟକ ହେବା ଭିତରେ ମହେଶ ସାହୁ ଲୋକଙ୍କ ବେଶ ନିକଟତର ହେବା ସହିତ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସାଧାରଣ ଲୋକଟିଏ ମଧ୍ୟ ତାଙ୍କୁ ଭେଟିବା ସହିତ ସେ ସମସ୍ତଙ୍କର ଅଭିଯୋଗକୁ ସାଦର ଭାବରେ ଗ୍ରହଣ କରିଥାନ୍ତି। ଆଗାମୀ ଦିନରେ ହିନ୍ଦୋଳ ଓ ଓଡାପଡ଼ା ବ୍ଲକରେ ଭୋଟରମାନେ ମହେଶଙ୍କୁ ନେଇ ବେଶ ଉତ୍ସାହିତ ହୋଇଛନ୍ତି। ମହେଶ ସାହୁ ମଙ୍ଗଳବାର ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନକରିବା ସହିତ ବଳରାମ ମନ୍ଦିରରେ ମଧ୍ୟ ପ୍ରଭୁ ବଳରାମଙ୍କୁ ଦର୍ଶନ କରି ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଜନସାଧାରଣଙ୍କ ସହିତ ମିଶି କାର୍ଯ୍ୟକରିବାକୁ ସେ ଆହ୍ୱାନ ଦେଇଥିବା ବେଳେ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ତାଙ୍କୁ ଆଗାମୀ ଦିନରେ ସଫଳତା ଆଣିଦେବ ବୋଲି ସେ ପ୍ରକାଶ କରିଛନ୍ତି।

## ବିଜେପି ଛାଡ଼ି ୨୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ



**କାମାକ୍ଷାନଗର, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଣିକମରା ପଞ୍ଚାୟତରେ ବିଜେପି ଛାଡ଼ି ୨୦ ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେପି କର୍ମୀ ପ୍ରଦ୍ୟୁମ୍ନ କୁମାର ବେହେରା, ନବୀନ କୁମାର ସାହୁ, ଅଜିତ କୁମାର ବେହେରା, ମାମଲା ସାହୁ, ଶମ୍ଭୁନାଥ ସାହୁ, ରଞ୍ଜନ କୁମାର ବେହେରା, ଲଳିତ ମୋହନ ସାହୁ, ଚିତ୍ତରଞ୍ଜନ ସାହୁ, ନାରାୟଣ ସାହୁ ଏବଂ କାଳନ୍ଦୀ ସାହୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନିର୍ମଳ ଭାବମୂର୍ତ୍ତି ଓ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ବିଜେପି ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବା ସହ ଅଞ୍ଚଳର ବିକାଶରେ ସେମାନଙ୍କ ଯୋଗଦାନ ଆହୁରି ଅଧିକ ହେବ ବୋଲି କହିଛନ୍ତି।

● ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ବିଦ୍ୟୁତ୍ କାଟ୍

## ଲୋକେ କଲବଲ; ରାଜରାସ୍ତା ଶୂନଶାନ୍

**ଢେଙ୍କାନାଳ, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଦିନ ୧୨.୩୦ ବେଳକୁ ସହରର ତାପମାତ୍ରା ୪୧ଡିଗ୍ରୀ ରହିଥିବା ବେଳେ ପ୍ରାୟତଃ ଦୋକାନ ବଜାର ବନ୍ଦ ହେଇଯାଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବଜାରକୁ ଲୋକମାନେ ଆସୁ ନଥିବାରୁ ବେପାର ଏକ ରକମ୍ ଠପ୍ ହୋଇଯାଇଛି କହିଲେ ଭୁଲ୍ ହେବନି। ବେପାରୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିଠୁ ବଳି ପଡ଼ିଛି ଅସମୟରେ ବାରମ୍ବାର ବିଦ୍ୟୁତ କାଟ୍ ସହ ଲୋ-ଭୋଲଟେଜ୍। ଘରେ ଏସି ଚାଲିବା ଦୂରରେ ଥାଉ ଫ୍ୟାନ ମଧ୍ୟ ବୁଲୁନାହିଁ। ଯଦି କୌଣସି ଦିନ କାଳବୈଶାଖୀ ହେଲା ସେଦିନ ଲାଇନ୍ ଆସିବ କି ନାହିଁ ଲୋକମାନେ ଆଶଙ୍କା ଭିତରେ ରହୁଛନ୍ତି। ପାଣି ପାଗ ବିଭାଗ ତରଫରୁ କୁହାଯାଇଛି ଯେ, ଆଗକୁ ଆହୁରି ୩ ରୁ ୫ ଡିଗ୍ରୀ ତାପମାତ୍ରା ବଢ଼ିବ। ଏଥିରୁ ଲୋକମାନେ ଗୁଳୁଗୁଳି ଯୋଗୁ ଆହୁରି ଡହକବିକଳ ହେବେ ବୋଲି ଜଣାପଡ଼ିଛି।

## ରେଡ୍‌କ୍ରସ୍ ଛାତ୍ରୀଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ




**ଢେଙ୍କାନାଳ, ୨୩।୪ (ସମିସ) :** ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ରେଡ୍‌କ୍ରସ୍ ଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ସହଯୋଗ କ୍ରମେ 'ଜଳଛତ୍ର' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଦିବସରେ ବିଦ୍ୟାଳୟର ରେଡ୍‌କ୍ରସ୍ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଉପାସନା ନାଥ ଶର୍ମା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ରେଡ୍‌କ୍ରସ୍ ଛାତ୍ରୀମାନେ ପ୍ରଚଣ୍ଡ ରୌଦ୍ରତାପରେ ପଥିକମାନଙ୍କର ତୃଷ୍ଣା ନିବାରଣ ନିମନ୍ତେ ଦହି ସରବତର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ଦୁଷ୍ମନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆ, ସାଗରିକା ପଣ୍ଡା, ମାମାଲି ମିଶ୍ର, ବବିତା ସାହୁ, ସୁଲୋଚନା ଭୂତିଆ, ଲିପିକା ନାୟକ, ଜୟନ୍ତୀ ବେହେରା, ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀଙ୍କ ହେଲ୍‌ଥ ସ୍କ୍ରିନିଂ କାର୍ଯ୍ୟକ୍ରମ



**କାମାକ୍ଷାନଗର, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକର ମରୁଆବିଲି ସେବାଶ୍ରମରେ ଛାତ୍ରଛାତ୍ରୀଙ୍କ ହେଲଥ୍ ସ୍କ୍ରିନିଂ କାର୍ଯ୍ୟକ୍ରମ ହୋଇଯାଇଛି। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଟିମ୍ ୱାନ ମରୁଆବିଲି ସେବାଶ୍ରମ ଗସ୍ତ କରି ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଟିମରେ ଡାକ୍ତର ଅଜିତ କୁମାର ସାହୁ, ଡାକ୍ତର ବିଜୟଲକ୍ଷ୍ମୀ ସାହୁ ଏବଂ ଫାର୍ମାସିଷ୍ଟ ରାଜଲକ୍ଷ୍ମୀ ସାହୁଙ୍କ ଟିମ୍ ପ୍ରାୟ ୧୧୭ ଜଣ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ପରେ ସେବାଶ୍ରମର ପ୍ରଧାନଶିକ୍ଷକ ବେଣୁଧର ମହାନ୍ତଙ୍କ ଉପସ୍ଥିତିରେ ଛାତ୍ରୀମାନଙ୍କୁ ଆଇରନ୍ ଫଲିକ ଟାବଲେଟ୍ ଖାଇବାକୁ ଦିଆଯାଇଛି। ଡାକ୍ତରୀ ଟିମ୍ ସେବାଶ୍ରମରେ ପହଁଞ୍ଚିବା ପରେ ପ୍ରଥମେ ହେଲଥ୍ ସ୍କ୍ରିନିଂ ହୋଇଥିଲା। ଏହା ସରିବା ପରେ ମଧ୍ୟାହ୍ନ ଭୋଜନ କରି ଛାତ୍ରୀମାନେ ଡାକ୍ତରୀ ଟିମ୍ ଓ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ଆଇରନ୍ ଫଲିକ ଟାବଲେଟ୍ ସେବନ କରିଥିଲେ। ଚଳିତ ବର୍ଷର ରୁଟିନ୍ ଗସ୍ତ କାର୍ଯ୍ୟକ୍ରମ ଆଧାରରେ ମରୁଆବିଲି ସେବାଶ୍ରମକୁ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆରବିଏସକେ ଟିମ୍ ଗସ୍ତ କରିଥିବା ଟିମ୍ ଲିଡରଙ୍କ ଠାରୁ ସୂଚନା ମିଳିଛି। ଏହି ଟିମ୍ କଙ୍କଡାହାଡ଼ର ସମସ୍ତ ସ୍କୁଲ ଓ ସେବାଶ୍ରମକୁ ଗସ୍ତ କରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଆସୁଛି। କଙ୍କଡାହାଡ଼ ବ୍ଲକର ଅନେକ ଅପହଞ୍ଚ ଗାଁ ଓ ଅଙ୍ଗନବାଡ଼ିକୁ ମଧ୍ୟ ଏହି ଟିମ୍ ଗସ୍ତ କରି ଛୋଟ ଛୋଟ ପିଲାମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା ବିରାଶାଳ ମେଡିକାଲ୍ ଅଫିସର ଡାକ୍ତର ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

## ସ୍କୁଲ ପିଲାଙ୍କ ଲାଗି ଅଗ୍ନି ନିରାପତ୍ତା ସଚେତନତା

**ନରେନ୍ଦ୍ରପୁର, ୨୩।୪ (ସମିସ) :** ଟାଟା ଷ୍ଟିଲ ମେରାମଣ୍ଡଳୀ(ଟିଏସଏମ)ର ଅଗ୍ନି ନିରାପତ୍ତା ବିଭାଗ ତରଫରୁ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ସୁରକ୍ଷା ଏବଂ ସତର୍କତାମୂଳକ ପଦକ୍ଷେପ ବିଷୟରେ ସଚେତନ କରିବା। କାର୍ଯ୍ୟକ୍ରମରେ ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକୀୟ ବିଭିନ୍ନ ବିଷୟବସ୍ତୁ ସମ୍ବନ୍ଧରେ ଅଲୋଚନା କରଯାଇଥିଲା, ଯେଉଁଥିରେ ବିଭିନ୍ନ ପ୍ରକାର ନିଆଁ ଲିଭାଇବା କୌଶଳ ଏବଂ ପଦ୍ଧତି ଅନ୍ତର୍ଭୁକ୍ତ ଥିଲା। ଏଥିସହ ସମ୍ଭାବ୍ୟ ବିପଦ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଏକ ବିସ୍ତୃତ ସଚେତନତା ପାଇଁ ସଡ଼କ ସୁରକ୍ଷା, ଘରେ ରାନ୍ଧିବା ସମୟରେ ଗ୍ୟାସ୍ ନିରାପତ୍ତା ଏବଂ ବିଦ୍ୟୁତ ନିରାପତ୍ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ



ଅଧିକ ଫଳପ୍ରଦ କରିବା ପାଇଁ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରଯାଇଥିଲା। ଏଥିରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅଧିବେଶନରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ- ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ପରିଚାଳନା ପାଇଁ ଟିଏସଏମ ଅଗ୍ନି ନିରାପତ୍ତା ବିଭାଗ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ମଧ୍ୟ ପ୍ଲାଣ୍ଟର ଆଖପାଖ ଛଅଟି ବିଦ୍ୟାଳୟରେ ସମାନ ଧରଣର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟିଏସଏମ କେବଳ ଏହାର ପ୍ଲାଣ୍ଟ ପରିସର ମଧ୍ୟରେ ନୁହେଁ ବରଂ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ସୁରକ୍ଷା ପ୍ରତି ସର୍ବଦା ପ୍ରତିଶୃତିବଦ୍ଧ।

## ସଂସ୍କାର ପବ୍ଲିକ୍ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର

**ଢେଙ୍କାନାଳ, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ବିରାଶାଳ ପଞ୍ଚାୟତର ରହଣୀ ସ୍ଥିତ ସଂସ୍କାର ପବ୍ଲିକ୍ ସ୍କୁଲ୍ରେ ଗ୍ରୀଷ୍ମକାଳୀନ ଶିବିର ଉଦ୍ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କାମାକ୍ଷାନଗର କଲେଜର ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମକାଳୀନ ଶିବିରର ଉତ୍ପତ୍ତି ତଥା ଛାତ୍ର ଛାତ୍ରୀମାନଙ୍କୁ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରି ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଦୃଢ଼ ପ୍ରତିଜ୍ଞାବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସରାଙ୍ଗ ଜବାହାର ନବଦୋୟ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ପ୍ରତିମା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ପାଠପଢ଼ାକୁ ଆଗ୍ରାଧିକାର ଦେବା ସହିତ ଦକ୍ଷତାଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ



ଦେବା ପାଇଁ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଅନୁରୋଧ କରିଥିଲେ। ଏହି ଶିବିରଟି ବିଦ୍ୟାଳୟ ପରିସରରେ ଦୀର୍ଘ ୧୦ ଦିନ ଧରି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କୁ ଯୋଗ, ବନ୍ଧୁକ ଚାଳନା, ଅଶ୍ୱଚାଳନା, ପର୍ବତାରୋହଣ, କୋଡ଼ିଙ୍ଗ୍, ରୋବର୍ଟ, ନୃତ୍ୟକଳା ଓ ଚିତ୍ରାଙ୍କନ ଆଦି ପ୍ରଶିକ୍ଷଣ ଦିଆଯିବ। ପରିଶେଷରେ ବିଦ୍ୟାଳୟର ଟ୍ରଷ୍ଟି ପ୍ରସନ୍ନ କୁମାର ସାହୁ ବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମଟିକୁ ସଫଳ କରିବାପାଇଁ ଅନୁରୋଧ କରିଥିଲେ।

## ମା' ତାରିଣୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ପୂର୍ଣ୍ଣାହୁତି

**ଢେଙ୍କାନାଳ, ୨୩।୪ (ସମିସ) :** ସ୍ଥାନୀୟ ଜୁବୁଲି ଟାଉନ୍ ସ୍ଥିତ ଶାନ୍ତିଲତା ନଗର ଠାରେ ମା' ତାରିଣୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠାତା ଉତ୍ସବ ଓ ପୂର୍ଣ୍ଣାହୁତ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ-ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀ ଆହୁତି, ବିଭିନ୍ନ ପ୍ରକାର ଭୋଗରାଗ ଏବଂ ପଣାଭୋଗ ଲାଗି କରାଯାଇଥିଲା। ମା'ଙ୍କର ବିଗ୍ରୟ ପ୍ରତିଷ୍ଠା କରାଯାଇ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ମଧ୍ୟାହ୍ନରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ମନ୍ଦିରର ମୁଖ୍ୟ ନାମରତ୍ନା ପଣ୍ଡା ଓ ସବିତା ପଣ୍ଡା, କର୍ତ୍ତା ଦେବୀ ପ୍ରସାଦ ମହାପାତ୍ର, କର୍ତ୍ତ୍ରୀ ନର୍ମଦା ମହାପାତ୍ର, ପୂଜକ କବି ରୁଦ୍ରନାରାୟଣ କବି ସତପଥି ଓ ତାଙ୍କ ସାଥିମାନେ ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ପାଳନ କରିଥିଲେ। ରଶ୍ମି ରଞ୍ଜନ ପଣ୍ଡା, ସ୍ୱର୍ଣଲକ୍ଷ୍ମୀ ପଣ୍ଡା, ଜୁଲି ପାଲ୍, ସୁଜାତା ପଣ୍ଡା, ସୁଭଶ୍ରୀ ପଣ୍ଡା, ପ୍ରିୟଦର୍ଶନୀ ପଣ୍ଡା, ସାସ୍ୱତୀ ପାଣି, ସଞ୍ଜୁବାଳା ପଣ୍ଡା, ନିଳୀମା ରଥ, ଇତିଶ୍ରୀ ପଣ୍ଡା, ସୁହାନୀ ମିଶ୍ର ଓ ବିକାଶ ମିଶ୍ର ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଜୋନ୍-୩ ଭୂକମ୍ପ ତାଲିକାରେ ଢେଙ୍କାନାଳ



**ଢେଙ୍କାନାଳ, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଭୂକମ୍ପ ପ୍ରବଣ ତାଲିକାର ଜୋନ-୩ରେ ରହିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି। ଭୂକମ୍ପ ପ୍ରବଣ ତାଲିକାରେ ରହିଥିଲେ ମଧ୍ୟ କୌଣସି ଘର, ଅଟ୍ଟାଳିକା, ବିଦ୍ୟାଳୟ, ମଲ, ଆପାର୍ଟମେଣ୍ଟ ଭୂକମ୍ପ ପ୍ରବଣ ମାନ ଅନୁସାରେ ନିର୍ମାଣ କରାଯାଇ ନଥିବା ଜଣାପଡ଼ିଛି।

ଭାରତୀୟ ମାନକ ବ୍ୟୁରୋ(ବିଆଇଏସ) ଦ୍ୱାରା ଜାରି କରାଯାଇଥିବା ଭୂକମ୍ପ ପ୍ରବଣ ମାନଚିତ୍ରରେ ଢେଙ୍କାନାଳ ଜିଲ୍ଲା ତାଲିକାର ୩ ନଂ ଜୋନରେ ରହିଛି। ଜୋନ ୩ରେ ରହିଥିବା ଏହି ଭୂକମ୍ପ ଜୋନରେ ଭୁବନେଶ୍ୱର, କଟକ, ଅନୁଗୋଳ, ତାଲଚେର, କେଉଁଝର ଆଦି ଅଞ୍ଚଳ ରହିଥିବା ଜଣାପଡ଼ିଛି। ବ୍ରାହ୍ମଣୀ ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହିତ ଜିଲ୍ଲା ଏହି ତାଲିକାରେ ଥିବା ବେଳେ ଓଡ଼ିଶାର ୭ଟି ଜିଲ୍ଲା ମଧ୍ୟରେ ଢେଙ୍କାନାଳ ମଧ୍ୟ ରହିଥିବା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ସମୟରେ ମୃଦୁ ଭୂକମ୍ପ ଅନୁଭୂତ ହେଉଥିବା ବେଳେ ଗତ କିଛିବର୍ଷ ତଳେ ଲଗାତର ୪ଥର ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପ ସହ୍ୟ କରିବା ପାଇଁ ଯେଉଁ ଆଧାରରେ ଗୃହ ନିର୍ମାଣ କରାଯାଉଛି ତାହା ଉଚିତ୍ ମାନଦଣ୍ଡ ଅନୁସାରେ ନିର୍ମାଣ ହେଉନାହିଁ। ଯେଉଁ ଅଞ୍ଚଳଗୁଡିକ ଜୋନ-୩ ଭୂକମ୍ପ ତାଲିକାରେ ରହିଥାଏ, ସେହି ଅଞ୍ଚଳରେ ଗୃହନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବରେ ନିର୍ମାଣ ଶୈଳୀ ପ୍ରଦାନ କରାଯାଇଛି। ନିର୍ମାଣାଧୀନ ନୂଆ ଘର ଓ ଅଟ୍ଟାଳିକା ଗୁଡକ ସେହି ଅଧାରରେ ନିର୍ମାଣ କରିବା ପାଇଁ ସ୍ୱତନ୍ତ୍ର ତଥ୍ୟ

■ ଭୁବନେଶ୍ୱର, ତାଲଚେର, ଅନୁଗୋଳ, କଟକକୁ ବି ବିପଦ

ପ୍ରଦାନ କରାଯାଇଛି। ଏହି ନିୟମ ଅନୁସାରେ ଗୃହ ନିର୍ମାଣ ସମୟରେ ନିମିଟଲ ବ୍ୟାଣ୍ଡ, ରୁଫ ବ୍ୟାଣ୍ଡ, ପ୍ରତ୍ୟେକ କୋଣରେ ଖମ୍ବ ସ୍ୱତନ୍ତ୍ର ଶୈଳୀରେ କବାଟ, ଝରକା ନିର୍ମାଣ କରାଯିବା ସହିତ ଗୃହ ନିର୍ମାଣର ପ୍ଲିନ୍ଥ ବ୍ୟାଣ୍ଡ ନିର୍ମାଣ ପାଇଁ ଉଲ୍ଲେଖ ରହିଛି। ସେହିପରି ଭଲ ସିମେଣ୍ଟ ବ୍ୟବହାର କରିବ ସହିତ ଗୋଟିଏ ସିମେଣ୍ଟରେ ୧-୬ବାଲି ଭାଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରର ବାହାର ଏବଂ ଭିତର ପାର୍ଶ୍ୱରେ କଂକ୍ରିଟ୍ ରନିଂ ବିମ୍ ଦିଆଯିବା ସହିତ ବିଭିନ୍ନ କ୍ଷେତ୍ରରେ ଉନ୍ନତମାନର ଛଡ଼ ଏବଂ ବ୍ୟାଣ୍ଡର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ଆବାସିକ ଘର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଚିକିତ୍ସାଳୟ, ଅଡିଟୋରିୟମ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଘର ଅନୁସାରେ କେତୋଟି ପିଲାର ରହିବ, ତାହା ମଧ୍ୟ ଉଲ୍ଲେଖ ରହିଛି। ସେହିପରି ରହିବା ଏବଂ ବିଭିନ୍ନ ଗୃହପାଇଁ ନିର୍ଦ୍ଦିଷ୍ଟ ମାନର ଷ୍ଟିଲ ବ୍ୟାଣ୍ଡ ବ୍ୟବସ୍ଥା କରିବାକୁ କୁହାଯାଇଛି। ଘରର ଫାଉଣ୍ଡେସନ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବାକ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବିଭିନ୍ନ ଗୃହ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ୟୁଏନଡିପି ଡିଜାଷ୍ଟର ରିସ୍କ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଦ୍ୱାରା ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ଜିଲ୍ଲାରେ ଦିନକୁ ଦିନ ଘର, ଅଟ୍ଟାଳିକା ଏବଂ ମଲ ନିର୍ମାଣ କରାଯାଉଥିବା ବେଳେ ହୋଟେଲ, ସ୍କୁଲ, କଲେଜ, ଫ୍ଲାଟ ନିର୍ମାଣ ହେଉଥିବା ବେଳେ ଏଗୁଡିକ ଆଦୌ ଭୂକମ୍ପ ସହ୍ୟ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ଜଣାପଡ଼ିଛି। ନିମ୍ନମାନର ବାଲି, ପାଉଁଶ ଇଟା, ନିମ୍ନ ମାନର ଛଡ, ବାଲି ସିମେଣ୍ଟ ମିଶ୍ରଣରେ ବ୍ୟାପକ ଜାଲିଆତି କରାଯାଇ ଗୃହ ନିର୍ମାଣ କରାଯାଉଛି। ସହରରେ ମଲ ସହିତ ୫ରୁ ୬ ମହଲା ଘର ନିର୍ମାଣ ହୋଇଥିବାବେଳେ ଏହା ମଧ୍ୟ ଭୂକମ୍ପ ସହ୍ୟ କରିବା ସ୍ଥିତିରେ ନାହିଁ ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ସରକାର ଏବଂ ବେସରକାରୀ ସଂସ୍ଥାରେ ଠିକାଦାରମାନଙ୍କୁ ନିଯୁକ୍ତି କରାଯାଇ କାର୍ଯ୍ୟ ହେଉଥିବାବେଳେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସଯୋଜନା, ମୁଖ୍ୟମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନାରେ ଅଧିକ ଜାଲିଆତି କରାଯାଇ ଘର ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଜିଲ୍ଲା ଭୂକମ୍ପ ଜୋନ -୩ରେ ରହିଥିଲେ ମଧ୍ୟ ପ୍ରଶାସନ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ଗୃହ ନିର୍ମାଣ କ୍ଷେତ୍ରରେ କୌଣସି ଭୂମିକା ନଥିବାରୁ ମନଇଚ୍ଛା ଗୃହ ନିର୍ମାଣ ହେବା ସହିତ ନିମ୍ନମାନର କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନକଲି ମଦ କାରଖାନା ଉପରେ ଚଢ଼ଉ : ଜଣେ ଗିରଫ

ପାରାଦୀପ, ୨୩।୪(ସମିସ)



- ପାରାଦୀପରୁ ତିଆରି ହୋଇ କେନ୍ଦ୍ରାପଡ଼ା ଯାଉଥିଲା
- ମୁଖ୍ୟ ଆସାମୀକୁ ଧରିବାକୁ ପୁଲିସର ଛାନ୍‌ଭିନ୍
- ଦୀର୍ଘ ୩ ବର୍ଷ ଧରି ଚାଲିଥିଲା ଏଭଳି ନକଲି ମଦ ତିଆରି

ପାରାଦୀପ ଏବେ ନକଲି ମଦ ତିଆରି କାରଖାନାର ହବ ପାଲଟିଛି ।ପାରାଦୀପ ସହର ସମେତ ପାଖ ଆଖ ଗାଁ ମାନଙ୍କରେ କିଛି ଚୋରା ମଦ ବେପାରୀ ଲୁଚି ଛପି ନକଲି ଦେଶୀ, ବିଦେଶୀ ମଦ ତିଆରି କରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି ।ପ୍ରଥମ ଥର ପାଇଁ ଏଭଳି ଏକ ନକଲି ମଦ କାରଖାନା ଉପରେ ଆଜି ଅବକାରୀ ଥାନା ପୁଲିସ ଚଢଉ କରି ବିପୁଳ ପରିମାଣର ନକଲି ମଦ ସହ ସେଥିରେ ବ୍ୟବହୃତ ସାମଗ୍ରୀକୁ ମଧ୍ୟ ଜବତ କରିଛି । ଏଠାରେ ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଖାଇବାକୁ ଚେଷ୍ଟା କରାଯାଉଛି ନାଁ ବିଭାଗ ଗୁଡିକର ଜାଣତରେ ଏମିତି ହେଉଥିଲା ତାହା ବି ସନ୍ଦେହ ଘେରରେ ରହିଛି ।ଏହି ନକଲି କାରଖାନା ଦୀର୍ଘ ୩ ବର୍ଷ ଧରି ଏହି ଗଣ୍ଡକିପୁର ଗ୍ରାମରେ ଚାଲିଥିବା ବେଳେ ପୁଲିସ କିଭଳି ତାର ଟେର ପାଉ ନ ଥିଲା । ଏବଂ ଆଜି ଅବକାରୀ ବିଭାଗ, ପୁଲିସ ତାର ଖୁଲାସା କଲା ତାକୁ ନେଇ ପ୍ରଶ୍ନ ଉଠିଛି ।ପାରାଦୀପ ପୁଲିସ କେବଳ ଚୋରା ମଦ ବ୍ୟବସାୟୀକୁ ଧରି ଗିରଫ କରି ବସି ପଡୁଥିବା ବେଳେ କାହିଁକି ନକଲି କାରଖାନା ସମ୍ପର୍କରେ ଜାଣି ପାରୁ ନ ଥିଲା । ଅବକାରୀ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସେନାପତିଙ୍କ ସୂଚନା ମୁତାବକ ଗଣ୍ଡିକିପୁର ଗ୍ରାମରେ ଏକ ନକଲି ମଦ ତିଆରି କାରଖାନା ସମ୍ପର୍କରେ ସେ ବିଶେଷ ସୂତ୍ରରୁ ଖବର ପାଇଥିଲେ ।ଏନେଇ ସେ ୫ ଦିନ ହେବ ଏହି କାରଖାନା ଉପରେ ନଜର ରଖିବା ସହିତ ଆଜି ସକାଳେ ତାଙ୍କ ରେଞ୍ଜ ଟିମକୁ ନେଇ ଚଢ଼ଉ କରିଥିଲେ । ଚଢଉ ବେଳେ ରମାକାନ୍ତ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ଘରେ ନକଲି ମଦ ତିଆରି କରୁଥିବା ଦେଖିବାକୁ ମିଳିଥିଲା ।ଚଢଉ ବେଳେ ୧୦.୪୪୦ ଲିଟର ନକଲି ମଦ ସହିତ ୧୧ ହଜାର ୯୦୦ ଶହ ଲେବୁଲ, ୧୬୭୫ ଟି ଠିପି, ୩୦୩୩ ଇଏଲଏ, ୨ ଲିଟର କାରମିଲ (ରଙ୍ଗ) ଓ ୧୫୦ ଟି ଖାଲି ବୋତଲକୁ ଜବତ କରିଥିଲା ଅବକାରୀ ବିଭାଗ, ପୁଲିସ ।ଯାଞ୍ଚ ବେଳେ ଏସବୁ ସାମଗ୍ରୀ ନକଲି ବୋଲି ଅବକାରୀ ବିଭାଗ କର୍ମଚାରୀମାନେ ଜାଣିବା ପରେ ଏହାକୁ ରାସାୟନିକ ପରୀକ୍ଷା ନିମନ୍ତେ ପଠାଇଛନ୍ତି । ରିପୋର୍ଟ ଆସିଲା ପରେ ତା ମଧ୍ୟରେ କେତେ ପରିମାଣର ମିଥାଇଲ ଆଲକୋହଲ ରହିଛି ତାହା ଜଣାପଡ଼ିବ ବୋଲି ଅବକାରୀ ବିଭାଗ ପୁଲିସ ପକ୍ଷରୁ ସୂଚନା ମିଳିଛି ।ଏସବୁକୁ ସେ କେନ୍ଦ୍ରାପଡ଼ାରୁ ଆଣି ପ୍ରସ୍ତୁତ କରିବା ପରେ କେନ୍ଦ୍ରାପଡ଼ାକୁ ପଠାଇ ଦେଉଥିବା ନେଇ ସେ ପୁଲିସକୁ କହିଥିଲା ।ତା ପରେ ସେଠାରୁ ସବୁ ଆଡକୁ ଚାଲାଣ ହେଉଥିଲା ।ଏ ସବୁ ତଥ୍ୟ ପାଇଲା ପରେ ଅବକାରୀ ବିଭାଗ ପୁଲିସ କେନ୍ଦ୍ରାପଡ଼ା ରେ ଥିବା ଏହାର ମାଷ୍ଟର ମାଇଣ୍ଡକୁ ଧରିବାକୁ ସବୁଆଡେ ଛାନଭିନ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି । ତେବେ ଏଠାରେ ପ୍ରଶ୍ନ ଉଠେ ମାଷ୍ଟର ମାଇଣ୍ଡ କେନ୍ଦ୍ରାପଡ଼ାରେ ରହି ପାରାଦୀପରେ ଏଭଳି ନକଲି ମଦ ପ୍ରସ୍ତୁତ କରିବା ପଛରେ କଣ ରହସ୍ୟ ରହିଛି ।ତାର ଖୁଲାସା ହେଲେ ଆହୁରି ଅଧିକ ତଥ୍ୟ ସାମ୍ନାକୁ ଆସିବ ।ଏହି ନକଲି କାରଖାନା ସହିତ ଆଉ କେଉଁମାନେ ସଂଶ୍ଲିଷ୍ଟ ଅଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ ।

# ରଘୁନାଥ ମନ୍ଦିରର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



ରଘୁନାଥପୁର ୨୩।୪(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧିନସ୍ଥ ବରାଗୋଳ ପଞ୍ଚାୟତ ନିକଟସ୍ଥ ଚୌଧୁରୀ ପଡ଼ିଆ (ସାଧୁବନ) ଶ୍ରୀ ଶ୍ରୀ ହରିହର ସିଦ୍ଧ ରଘୁନାଥ ମନ୍ଦିରରେ ଚାଲିଥିବା ପାଞ୍ଚଦିନାତ୍ମକ ବିଶ୍ୱାଶାନ୍ତି ମହାଯଜ୍ଞର ଓ ୯ମ ବାର୍ଷିକ ଉତ୍ସବ ଚଳିତ ବର୍ଷ ଗତ ରବିବାର ଦିନ ପୂର୍ଣ୍ଣାହୁତି ହୋଇଥିଲା । ଏହି ଯଜ୍ଞ ରାମନବମୀ ଠାରୁ ନୀତି ରାତି ଅନୁସାରେ ପଣ୍ଡିତ ପ୍ରସନ୍ନ କରଙ୍କ ନେତୃତ୍ୱରେ ଆରମ୍ଭ କରାଯାଇ ଗତ ରବିବାର ଶୁକ୍ର ରାତି ୮ଟା ୩୦ରେ ପୂର୍ଣ୍ଣାହୁତି ଜନ ସମାରୋହରେ ପଣ୍ଡିତଙ୍କ ମନ୍ତ୍ର ଧ୍ୱନୀରେ ଅନୁଷ୍ଠିତ ହୋଇଥିଲା । କର୍ତ୍ତା କର୍ତ୍ତି ଭାବେ ୫ଦିନ ଧରି ପ୍ରକାଶ ବାରିକ ଓ କାଦମ୍ବିନୀ, ଶେଷଧର ସାହୁ ଓ ସୁଶାନ୍ତି, ବିଷ୍ଣୁ ବାରିକ ଓ ଟୁନି, ସନ୍ତୋଷ ସେନାପତି ଓ ଅନିତା, ମମତା ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ବ୍ୟକ୍ତିଗତ ସମସ୍ୟା ନେଇ କର୍ତ୍ତା ନୀଳମଣି ଓଝା ଓ ରୀନା, ସୁରେନ୍ଦ୍ର ନାଥ ସ୍ୱାଇଁ ଓ ସ୍ୱର୍ଣ୍ଣାଲତା ସ୍ୱାଇଁ ଅନୁପସ୍ଥିତ ଥିଲେବି ସହଯୋଗ କରିଥିଲେ । ଏହି ଯଜ୍ଞ ବରାଗୋଳ ପଞ୍ଚାୟତ, ଜଗନ୍ନାଥପୁର ପଞ୍ଚାୟତ ସହିତ ପଡୋସି ପଞ୍ଚାୟତ ସହାୟତାରେ ଚାଲୁଥିବାବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ମାନେ ପ୍ରସାଦ ସେବନ ଓ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ । ରାତି ୧୨ପର୍ଯ୍ୟନ୍ତ ଭକ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରି ଆନନ୍ଦରେ ଫେରୁଥିବା ଦେଖିବାକୁ ମିଳିଥିଲା ।

# ରାସ୍ତା କାମ ନିମ୍ନମାନର; ତଦନ୍ତ କଲେ ଜେଇ

ବାଲିକୁଦା, ୨୩।୪(ସମିସ): ବାଲିକୁଦା ବ୍ଲକ ମାଳ ମରିଚପୁର ଅଞ୍ଚଳକୁ ବିକାଶର ମାନ ଚିତ୍ରରେ ଯୋଡିବା ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ତିହୁଡି ଠାରୁ ମରିଚପୁର ପର୍ଯ୍ୟନ୍ତ ୧୪ କିମି ରାସ୍ତାର ପ୍ରଶସ୍ତିକରଣ ପାଇଁ ଅର୍ଥ ମଞ୍ଜୁର କରିବା ପରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ମାଳ ମରିଚପୁର ଉନ୍ନୟନ ପରିଷଦ ପକ୍ଷରୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସହ ସଠିକ ଭାବେ କାର୍ଯ୍ୟ ନହେଲେ ରାସ୍ତା କାର୍ଯ୍ୟ ବନ୍ଦ ସହ ଆନ୍ଦୋଳନର ଚେତାବନୀ ଗତ ଦୁଇ ଦିନ ତଳେ ଦିଆଯାଇଥିଲା । ଏଣୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା ସହ ସମସ୍ୟା ସମ୍ପର୍କରେ ଅବଗତ ପାଇଁ ଅଧିକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ୨ଦିନ ସମୟ ନେଇଥିଲେ । ମଙ୍ଗଳବାର ଅପରାହ୍ନ ପ୍ରାୟ ୫ ଟାରେ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏପରିକି ନଳରା ଠାରେ ଥିବା ରାସ୍ତା କଡ଼ରେ ଥିବା ଏକ ପୋଖରୀ ନିକଟରେ ରିଟର୍ଣ୍ଣିଂ ୱାଲ ନିର୍ମାଣ ସମେତ ନୂଆଗାଁ ବଜାର ଓ ଦଶବାଟିଆ ବଜାର ଶେଷ ଭାଗରେ ଥିବା ଜଳ ନିଷ୍କାସନ ପାଇଁ ପ୍ରଶସ୍ତିକରଣ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ କେନାଲ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ମାଧ୍ୟମରେ ଏହାର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ । ଏପରିକି ଦଶବାଟିଆ ବଜାର ସମେତ ଅନେକ ସ୍ଥାନରେ ସରକାରୀ ଜମିକୁ ଜବରଦଖଲ କରିଥିବା କାରଣରୁ ରାସ୍ତା ପ୍ରଶସ୍ତିକରଣରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଫଳରେ ଶ୍ରୀ ଦାସ ଏହି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ସ୍ଥାନୀୟ ତହସିଲଦାରଙ୍କ ସହଯୋଗରେ ମାପ ଚୁପ କରାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ରାସ୍ତା ନିର୍ମାଣ ସଠିକ ଭାବେ କରିବାକୁ ଠିକାଦାର ସଂସ୍ଥାକୁ କଡା ଚେତାବନୀ ଦେବା ସହ ବିଭାଗୀୟ ଯନ୍ତ୍ରୀ ଏଣିକି କାର୍ଯ୍ୟର ତଦାରଖ କରିବା ଦାଇତ୍ୱ ନେବେ ବୋଲି କହିଥିଲେ । ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଏସ୍‌ଡିଓ ଅଭିଷେକ ସେଠି କାର୍ଯ୍ୟସ୍ଥଳୀକୁ ଆସି ତଦାରଖ କରିଥିଲେ । କାର୍ଯ୍ୟକ୍ରମରେ ସୁବାସ ନାୟକ, ଭଗବାନ ମହାନ୍ତି, ଗଙ୍ଗାଧର ନାୟକ, ବନ୍ଧୁ ଚରଣ ନାୟକ, ସଞ୍ଜୟ ସ୍ୱାଇଁ, ସୋମନାଥ ପରିଡ଼ା, ରମେଶ ଚନ୍ଦ୍ର ବହିରା, ପ୍ରେମାନନ୍ଦ ପରିଡ଼ା, ସୁଦାମ ସ୍ୱାଇଁ, ଦିଲ୍ଲୀପ ପରିଡ଼ା, ବଂଶୀଧର ଦଳାଇଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଚାଷୀଖଣ୍ଡ ସରସ୍ୱତୀ ଶିଶୁମନ୍ଦିରର ସମାବର୍ତ୍ତନ ଉତ୍ସବ



ବିରିଡି, ୨୩।୪(ସମିସ): ବିରିଡି ବ୍ଲକ ଚାଷୀଖଣ୍ଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩ତମ ସମାବର୍ତ୍ତନ ଉତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ ନିକୁଞ୍ଜବିହାରୀ ଭଞ୍ଜ ପୌରୋହିତ୍ୟ କରିଥିଲେ । ପ୍ରାରମ୍ଭରେ ଉତ୍ସବକୁ ଉଦଘାଟକ ଭାବେ ଶିକ୍ଷାବିସ୍ତାର ସମିତି ଓଡ଼ିଶା ସମ୍ପାଦକ ବଂଶୀଧର ଜେନା ଯୋଗଦେଇ ଉଦଘାଟନ କରିଥିଲେ ।ଏଥିରେ ମୁଖ୍ୟଅତିଥିଭାବେ ଟେଟ୍ରାହେଡେନ ଗ୍ରୁପ ଟାଙ୍ଗୀ କଟକର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥିଭାବେ ଓଡ଼ିଶା ଶିକ୍ଷାବିସ୍ତାର ସମିତିର ପ୍ରତିଷ୍ଠାତା ବଟକୃଷ୍ଣ ଦାସ, ରେଡ଼କ୍ରସ ଜିଲ୍ଲା ସମ୍ପାଦିକା ସସ୍ମିତା ପଟ୍ଟନାୟକ, ସନସାଇନି ମଲ୍ଟିମିଡିଆ ଏକାଡେମୀ ଓ ରୁରାଲ ଡେଭଲପମେଣ୍ଟ ଆସୋସେସନର ସମ୍ପାଦିକା ସୂର୍ଯ୍ୟକାନ୍ତି ରାଉତ, ଟେଟ୍ରା ହେଡେନର ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ, ଉପଦେଷ୍ଟା ସାରଦା ପ୍ରସାଦ ଦାସ, ସଭାପତି ପ୍ରବୋଧ କୁମାର ତ୍ରିପାଠୀ, ସରପଞ୍ଚ ଯୁଧିଷ୍ଠିର ବେହେରା, ସମ୍ପାଦକ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦାନ କରି ପାଠପଢୁଥିବା ପିଲାମାନେ ପାଠପଢ଼ା ସହିତ ନିଜକୁ ସଂସ୍କାରି କରି ଗଢିତୋଳିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ରଖିଥିଲେ ।

● ହାଜି ସେଖ ସମିରୁଦ୍ଦିନ ଉଚ୍ଚ ବିଦ୍ୟାଳୟ

# ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ତିର୍ତ୍ତୋଲ, ୨୩।୪(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁରସ୍ଥିତ ହାଜି ଶେଖ ସମିରୁଦ୍ଦିନ ଉଚ୍ଚ ବିଦ୍ୟାଳୟ ୧୯୭୪ ବ୍ୟାଚ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ରୁଦ୍ରନାରାୟଣ ସିଂଙ୍କ ଅଧ୍ୟକ୍ଷତାରେ ଓ ବାନାମ୍ବର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶେଖ ନସୀମ ଉଦ୍ଦିନ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ସେଠୀ, ସେକ ଏନାୟତ ଅଲ୍ଲୀ, ସେକ ସରଫରାଜ ଅଲ୍ଲୀ, ସେକ ଗୋଲାମ ଅଲ୍ଲୀ ବର୍ତ୍ତମାନ କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରତାପ ଚରଣ ସେଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ବାନାମ୍ବର ପୃଷ୍ଟିଙ୍କ ସ୍ୱରଚିତ ସଙ୍ଗୀତ ସୁବର୍ଣ୍ଣ ଜୟନ୍ତୀ ପରିପାଳନ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଗାନ କରିଥିଲେ । ଭ୍ରମରଚର ସେଠୀ, ଗୋଲେଖ ବିହାରୀ ସେଠୀ, ଗଙ୍ଗାଧର ସାହୁ, କ୍ଷୀରୋଦ ଖଟୁଆ, ସ୍ନେହପ୍ରଭା ରାଉତରାୟ, ନବଘନ ନାୟକ, ଗଗନ ବିହାରୀ ମହାନ୍ତି, ସେକ ଅସପାକ ଅଲ୍ଲୀ, ସେକ ସ୍ମାଇଲି, ସେକ ସଫାକତ ଅଲ୍ଲୀଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ୫୦ ବର୍ଷ ପୂର୍ବର ଛାତ୍ରଜୀବନର ସ୍ମୃତି ରୋମନ୍ଥନ କରି ଆତ୍ମବିଭୋର ହୋଇଥିଲେ ।

# ଆର୍ଯ୍ୟ ସମାଜ ପକ୍ଷରୁ ବୈଦିକ ଯଜ୍ଞ

ଜଗତସିଂହପୁର, ୨୩।୪(ସମିସ): ଜଗତସିଂହପୁର ଜିଲ୍ଲା ଆର୍ଯ୍ୟ ସମାଜ ପକ୍ଷରୁ ବୈଦିକ ଯଜ୍ଞ ସ୍ଥାନୀୟ ପୋତପଡ଼ାସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଶ୍ମିରଞ୍ଜନ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବିଜୟ ରଥ, ବେଦ ବିଶାରଦ ସମୀର ରଞ୍ଜନ ଦାଶ, ଚନ୍ଦ୍ରଜିତ୍ ପରିଜା, ରଞ୍ଜନ ବିଦ୍ୟାର୍ଥୀ ପ୍ରମୁଖ ଥିଲେ । ଏହି ଯଜ୍ଞରେ କର୍ମକର୍ତ୍ତା ଭାବେ ସୋମନାଥ ମହାରଣା ଓ ସୁଚିତ୍ରା ମହାରଣା ଯୋଗଦେଇଥିଲେ । ଏଥିରେ ହିମାଂଶୁ ଆଚାର୍ଯ୍ୟ, ବିପିନି ବିହାରୀ ମୁଦୁଲି, ରବୀନ୍ଦ୍ର ନାଥ ତ୍ରିପାଠୀ, ରବୀନ୍ଦ୍ର ନାଥ ସାହୁ, ରମେଶ ଚନ୍ଦ୍ର ସାହୁ, ସୁଶ୍ରୀ ଅଞ୍ଜୁଷା, ଅଞ୍ଜଳୀ ପରିଜା, ସନାତନ ବେହେରା, ରଞ୍ଜନ କୁମାର ସାମଲ, କିଶୋର ଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ଦାସ, ରଶ୍ମି ରଞ୍ଜନ ପୁହାଣ, ସୁରେଶ ଚନ୍ଦ୍ର ଜେନା, ଆଶୀର୍ବାଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖିଳ ଓଡ଼ିଶା ଜିପିଏଲ୍‌ଏଫ୍ ଇସି ସଂଘ ପକ୍ଷରୁ ଜଳଛତ୍ର



ବିରିଡି, ୨୩।୪(ସମିସ): ବିରିଡି ବ୍ଲକ ନିଖିଳ ଓଡ଼ିଶା ଜିପିଏଲଏଫଇସି ସଙ୍ଘ ପକ୍ଷରୁ ସୋମବାରଦିନ ୨୨ମୌଜା ଚାଷୀଖଣ୍ଡ ହନୁମାନ ମନ୍ଦିର ନିକଟରେ ଜଳଛତ୍ର ଖୋଲାଯାଇଛି । ନର୍ମଦା ମହାପାତ୍ର, ମମତା ନାୟକଙ୍କ ନେତୃତ୍ୱରେ ଏବଂ ଅନ୍ୟ ସଭ୍ୟା ମାନଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସରପଞ୍ଚ ଯୁଧିଷ୍ଠିର ବେହେରା, ପ୍ରମୁଖ ଯୋଗଦେଇ ମିଳିତ ଭାବେ ଉଦଘାଟନ କରିଥିଲେ । ଏଥିରେ ସରୋଜିନୀ ବେହେରା, ମହାଶ?ବେତା ଜେନା, ବୈଜୟନ୍ତୀ ମହାନ୍ତି, ଗୟାଧର ମହାନ୍ତି, ବରିଷ୍ଠ ନେତା ଶିବପ୍ରସାଦ ଜେନା, ସୁଦର୍ଶନ ବେହେରା, ସୁକାନ୍ତ ବାରିକ, ରବୀନ୍ଦ୍ର ଦାସ, କୃପାସିନ୍ଧୁ ଭୋଇ, ଜ୍ଞାନରଞ୍ଜନ ଜେନା ପ୍ରମୁଖ ସାମିଲ ହୋଇଥିଲେ । ବର୍ତ୍ତମାନ ଭୀଷଣ ଖରାକୁ ଦୃଷ୍ଟିରେ ରଖି ଏବଂ ବାଟୋଇମାନଙ୍କ ଶୋଷ ମେଣ୍ଟାଇବା ଉଦେଶ୍ୟରେ ମହିଳା ମାନଙ୍କ ଦ୍ୱାରା ଏହି ବ୍ୟବସ୍ଥା କରାଯାଇଛି ।

# ଜାହାଜ ଭିତରୁ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର

ପାରାଦୀପ, ୨୩।୪(ସମିସ): ପାରାଦୀପ ବନ୍ଦର ଏସ୍‌କ୍ୟୁ ବର୍ଥରେ ଘଟିଛି ଏକ ଅଘଟଣ । ଜାହାଜର ବର୍ଥ ଭିତରୁ ମିଳିଛି ଜଣେ ଶ୍ରମିକଙ୍କ ମୃତଦେହ । ସିଡିରେ ବର୍ଥ ସଫା କରିବାକୁ ଯାତାୟତବେଳେ କୌଣସି କାରଣରୁ ଖସିପଡ଼ି ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ମୃତକ ହେଲେ ବିଭୁତି ବାରିକ୍ ଓ ତାର ଘର ବଡ଼ମ୍ବା ନରସିଂହପୁର ଅଞ୍ଚଳରେ ।



ସୂଚନା ମୁତାବକ ଏସ୍‌କ୍ୟୁ ବର୍ଥରେ ଏମ୍‌ଭି ଉଲୁସ-ଏ-୧୧ ନାମକ ଏକ ଆଇରନ ବୋଝେଇ ଜାହାଜ ଆଜି ସକାଳୁ ଲାଗିଥିଲା । ଏହାର କିଛି ସମୟ ପରେ ବିଭୂତିଙ୍କ ମୃତଦେହ ବର୍ଥ ଭିତରେ ଦେଖିବାକୁ ମିଳୁଥିଲା । ଘଟଣା ପ୍ରଚାର ହେବା ପରେ ସିଆଇଏସ୍‌ଏଫ୍‌ର ଅଗ୍ନିଶମ ବିଭାଗ, ପୋର୍ଟ ଆମ୍ବୁଲାନ୍ସ ଗାଡ଼ି ଘଟଣା ସ୍ଥଳରେ ପହଁଞ୍ଚିଥିଲେ । ଅନ୍ୟପଟେ ଘଟଣାକୁ ଗୁରୁତ୍ୱର ସହିତ ନେଇଛି ମେରାଇନ ଥାନା ପୁଲିସ । କ'ଣ ପାଇଁ ଶ୍ରମିକ ଙ୍କ ମୃତ୍ୟୁ ହେଲା ଶବ ବ୍ୟବଚ୍ଛେଦ ପରେ ଜଣା ପଡ଼ିବ ବୋଲି ମେରାଇନ ଥାନା ପୁଲିସ ସୂଚନା ଦେଇଛି । ସଫେଇ କରିବାକୁ ଯିବାବେଳେ ସିଡିରୁ ଖସିପଡ଼ି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ଜାହାଜର ହାଚ୍ ପ୍ରାୟ ୮୦ଫୁଟ ଗଭୀର ହୋଇଥିବା ଅନୁମାନ କରାଯାଉଛି । ସେହି ହାଚ୍ ଭିତରକୁ ପ୍ରବେଶ କରିବା ପାଇଁ ଥିବା ସିଡିଘର ବା ଲ୍ୟାଡର ରୁମ୍ ମଧ୍ୟ ପ୍ରାୟ ୮୦ଫୁଟ ଗଭୀର । ତେଣୁ ଏହି ଶିଡିରେ ଯାତାୟାତ ସମୟରେ କୌଣସି କାରଣରୁ ଖସିପଡ଼ି ମୃତ୍ୟୁ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି । ପୁଲିସ ଶବ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

# ତ୍ରୈମାସିକ ଓଡ଼ିଆ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପ ଉନ୍ମୋଚିତ



ଜଗତସିଂହପୁର, ୨୩।୪(ସମିସ) : ତ୍ରୈମାସିକ ଓଡିଆ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପ ମଙ୍ଗଳବାର ତରଡାପଡ଼ା ସ୍ଥିତ ଆଇ.ଟି.ଆଇ ପରିସରରେ ଉନ୍ମୋଚିତ ହୋଇଯାଇଛି ।। ପତ୍ରିକାର ମୁଖ୍ୟ ସମ୍ପାଦକ କାଳୀକିଙ୍କର ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ପତ୍ରିକାରେ ଶିକ୍ଷଣୀୟ ଓ ଉନ୍ନତ ଗଳ୍ପ, କବିତା ଓ ପ୍ରବନ୍ଧ ସ୍ଥାନ ପାଇଛି ବୋଲି କହିଥିଲେ । ସମ୍ପାଦିକା ସୌଭାଗିନୀ ମିଶ୍ର ଓଡିଆ ସାହିତ୍ୟର ପ୍ରସାର ଓ ପ୍ରଚାର ପାଇଁ ଏହା ସାହାଯ୍ୟ କରିବ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ କହିଥିଲେ ଯେ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପ ସବୁବର୍ଗର ପାଠକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହା ବିଶେଷକରି ଶିଶୁ ଓ କିଶୋରମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିବ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ତାଙ୍କ ବକ୍ତବ୍ୟରେ ଆମ ଭାଷା ସାହିତ୍ୟର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋଚନା କରିଥିଲେ । ପତ୍ରିକାର ମୁଖ୍ୟସମ୍ପାଦକ ଓ ସମ୍ପାଦିକା ଆମ ଭାଷା ସାହିତ୍ୟକୁ ଆଗକୁ ନେବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ସାକାର ହେବ ବୋଲି କହିଥିଲେ । ଏହି ସଂଖ୍ୟାର ପ୍ରଚ୍ଛଦରେ ଥିବା ଶିଶୁପ୍ରତିଭା ଡି.ସାଇ ଶ୍ରେୟାଂସୀ ବେଦପାଠ ଓ ନୃତ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ସେ କହିଥିଲେ । ଏହି ପତ୍ରିକା ଉନ୍ମୋଚନ ଉତ୍ସବରେ ତାଲିମ କେନ୍ଦ୍ରର ଶିକ୍ଷକ ଓ କର୍ମଚାରୀଙ୍କ ସମେତ ସସ୍ମିତା ମିଶ୍ର ଏବଂ ସଂଯୁକ୍ତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ଭତ୍ତା ପାଇଲେ ଦିବ୍ୟାଙ୍ଗ

ରଘୁନାଥପୁର, ୨୩।୪(ସମିସ)

- ଡିସେମ୍ବରରୁ ଅନୁମୋଦନ ହେଲାଣି ପାଉନଥିଲେ
- ଖବର ପ୍ରକାଶ କଥା ଶୁଣି ସନ୍ଧ୍ୟାରେ ଦେଇଦେଲେ

ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ତାରପୁର ଗ୍ରାମର ଜଣେ ଭିନ୍ନକ୍ଷମ ନାବାଳିକାଙ୍କ ନୂତନ ଭତ୍ତା ଟଙ୍କାରେ ନିର୍ବାହୀ ଅଧିକାରୀ ଅୟସ କରୁଥିବାବେଳେ ଏଣେ ଭିନ୍ନକ୍ଷମ ନାବାଳିକା ନୂତନ ଭତ୍ତା ଟଙ୍କା ନ ପାଇ ଭୋକ ଉପାସରେ କାଳାତିପାତ କରୁଥିବା ରଘୁନାଥପୁର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ତାରପୁର ଗ୍ରାମର ବିଜୟ ନାୟକଙ୍କର ଅନିତା ନାୟକ ନାମ୍ନୀ ୧୧ ବର୍ଷ ବୟସର ଏକ ଭିନ୍ନକ୍ଷମ ଝିଅ ଅଛନ୍ତି । ତାଙ୍କୁ ୮୦% ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି । ସେ ରଘୁନାଥପୁର ବ୍ଲକରେ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିଲେ । ଗତ ଡ଼ିସେମ୍ବର ୨୦୨୩ ମସିହାରୁ ତାଙ୍କର ନୂତନ ଭତ୍ତା ଅନୁମୋଦନ ହୋଇଛି । ହିତାଧିକାରୀଙ୍କ ବାପା ବିଜୟ ଡ଼ିସେମ୍ବର ମାସରୁ ଚଳିତମାସ ପର୍ଯ୍ୟନ୍ତ ଭତ୍ତା ଅନୁମୋଦନ ହୋଇଛି କି ନାହିଁ ପଚାରିବାରୁ ସେ ହୋଇନାହିଁ ବୋଲି ପ୍ରକାଶ କରିଥିଲେ । ଏପରିକି ଗତ ମାର୍ଚ୍ଚ ମାସରେ ପଚାରିଥିଲେ ମଧ୍ୟ ସେ ମନା କରିଥିଲେ । ଏ ସମ୍ପର୍କରେ ହିତାଧିକାରୀଙ୍କ ମାମୁଁ ରଘୁନାଥପୁର ବ୍ଲକରେ ଖୋଳତାଡ କରିବାରୁ ଗତ ଡିସେମ୍ବରମାସରୁ ତାଙ୍କର ଭତ୍ତା ଅନୁମୋଦନ ହୋଇ ଟିପ ଚିହ୍ନ ଜରିଆରେ ହିତାଧିକାରୀଙ୍କୁ ଦିଆଯାଇଛି ବୋଲି ଦର୍ଶାଯାଇଛି । ଘଟଣା ସମ୍ପର୍କରେ ଆମ ପ୍ରତିନିଧି ରଘୁନାଥପୁର ବିଡ଼ିଓ ନମିତା ବାରିକ୍‌ଙ୍କୁ ପଚାରିବାରେ ଆସନ୍ତାକାଲି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ତେବେ ଘଟଣା ସମ୍ପର୍କରେ ଆମ ପ୍ରତିନିଧି ତାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀପକ କୁମାର ବେଶ୍ୱରୀଙ୍କୁ ପଚାରିବାରେ ଆଜି ଆମେ ତାଙ୍କର ଅନୁମୋଦିତ ହୋଇଥିବା ୫ମାସର ଭତ୍ତା ହିତାଧିକାରୀଙ୍କୁ ଦେଇଦବୁ ବୋଲି ପ୍ରକାଶ କରିଥିଲେ । ଶେଷ ଖବର ଅନୁଯାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିତାଧିକାରୀଙ୍କ ଘରେ ପହଞ୍ଚି ୫ ମାସର ଭତ୍ତା ୪୫୦୦ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି । ଜଗତସିଂହପୁର ଜିଲ୍ଲାପାଳ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।



## ଜିଲ୍ଲା ପ୍ରଶାସନର ନିଆରା ପ୍ରୟାସ

# ମହାନଦୀରେ ନୌକାଯାତ୍ରାରେ ମତଦାନ ସଚେତନତା

**କେନ୍ଦ୍ରାପଡ଼ା/ମହାକାଳପଡ଼ା ୨୩/୪(ସମିସ)**

ଗଣତନ୍ତ୍ରର ମହାନ ପର୍ବ ଭାବରେ ସାଧାରଣ ନିର୍ବାଚନକୁ ବିବେଚନା କରାଯାଇଥାଏ, ଏହି ପର୍ବରେ ସାମିଲ ହୋଇ ସମସ୍ତ ନାଗରିକ ନିଜ ନିଜର ମତଦାନ ସାବ୍ୟସ୍ତ କରିବା ଆବଶ୍ୟକ। ମତଦାନ ହାର ବୃଦ୍ଧି ହେଲେ ଗଣତନ୍ତ୍ର ବଳିଷ୍ଠ ହେବ। ତେଣୁ ଜୁନ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁଥିବା ସବୁ ବର୍ଗର ଭୋଟର ସାମିଲ ହୋଇ ମତଦାନ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆରା ଢଙ୍ଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ସବୁଠାରୁ ଚଳଚଞ୍ଚଳ ଏବଂ ଜନଗହଳି ଥିବା ରାମନଗରର ବାହାକୁଦ ପାରାଦ୍ୱୀପ ଫେରିଘାଟରେ ଯୋଡ଼ିଡଙ୍ଗା ନୌକାଯାତ୍ରା ପରିକ୍ରମା କରି ପ୍ରଶାସନ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟ ବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମହାକାଳପଡ଼ା ବିଡ଼ିଓ ସାଗର କୁମାର ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ସମେତ ବ୍ଲକ ପ୍ରଶାସନର ଅନେକ କର୍ମଚାରୀ ସାମିଲ ହୋଇଥିଲେ।

ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ତଥା ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର୍ ଅଶୋକ କୁମାର ଦାସ, ସ୍ଥାନୀୟ ତହସିଲଦାର ଶ୍ରୀ ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ବ୍ଲକ ଓ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। 'ଚାଷୀ ହୁଡ଼ିଲେ ବରଷେ, ଭୋଟର ହୁଡ଼ିଲେ ପାଞ୍ଚ ବରଷ', 'ମୋ ଭୋଟ ମୋ ପସନ୍ଦର', ଭୋଟ ଫର ବେଟର ଇଣ୍ଡିଆ, ପ୍ରାଇଡ ଟୁ ବି ଏ ଭୋଟର ରେଡି ଟୁ ଭୋଟ, ଆଦି ସ୍ଲୋଗାନ ଲେଖା ଥିବା ପ୍ଲା-କାର୍ଡ ଧରି ଯୋଡ଼ାଡ଼ଙ୍ଗାରେ ମହାନଦୀ ପରିକ୍ରମା କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲ୍ଲା ରେ ମତଦାନ ହାର ୭୨ ପ୍ରତିଶତ ହୋଇଥିଲା, ଚଳିତ ନିର୍ବାଚନରେ ଏହି ହାର ବୃଦ୍ଧି ହେବା ନେଇ ଜନସାଧାରଣ ଓ ନାଗରିକଙ୍କ ମନରେ ଉତ୍ସାହ ବୃଦ୍ଧି କରାଇ ଏହାକୁ ଶତ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯେପରି ଗାଁ ଗହଳିରେ ସବୁବର୍ଗର ଲୋକମାନେ ମତଦାନ କେନ୍ଦ୍ରରେ ପହଞ୍ଚି ମତଦାନ କରିପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଏବଂ ସୁବିଧା କରାଯିବ। ମହାନଦୀର ଶେଷମୁଣ୍ଡ ଘାଟ ବାହାକୁଦ ଫେରିଘାଟରେ ତ୍ରିରଙ୍ଗା ବେଲୁନରେ ସଜିତ ଦୁଇଟି ଯନ୍ତ୍ରଚାଳିତ ଡଙ୍ଗାରେ ସବୁ ବର୍ଗର ଭୋଟରଙ୍କୁ ସାଥିରେ ନେଇ ଜିଲ୍ଲା ପ୍ରଶାସନ କରିଥିବା ଏହି ନିଆରା ଢଙ୍ଗର କ୍ୟାମ୍ପେନରେ ସ୍ଥାନୀୟ ଜନସାଧାରଣ, କଲେଜର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।





**ଶତ ପ୍ରତିଶତ ମତଦାନ ଅଭିଯାନ**

---

## ସଖୀବଟ ସେବା ସମ୍ମାନରେ ସମ୍ମାନିତ ହେଲେ ଦମନ

**କେନ୍ଦ୍ରାପଡ଼ା, ୨୩।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଗୁପ୍ତ କ୍ଷେତ୍ର ଭାବରେ ସଖୀବଟକୁ ବୁଝାଯାଏ। ଯେଉଁ ସ୍ଥାନରେ ମହାପ୍ରଭୁ ବଳଭଦ୍ର ଗୁପ୍ତ ଭାବରେ ଅବସ୍ଥାନ କରିଥିଲେ। ଏହି କ୍ଷେତ୍ରର ମହିମା ସାରା ଜିଲ୍ଲାରେ ପରିବ୍ୟାପ୍ତ ଅଟେ। ସଖୀବଟରେ ବିଭିନ୍ନ ପ୍ରକାରର ପର୍ବ ପର୍ବାଣୀ ପାଳନ କରାଯାଇଥାଏ। ଏହି ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ସେବା କାର୍ଯ୍ୟ ଯଥା ରକ୍ତଦାନ ଶିବିର, ସ୍ୱଚ୍ଛତା ହିଁ ସେବା, ଜଳ ସେବା କେନ୍ଦ୍ର, ବୃକ୍ଷ ରୋପଣ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ



ହୋଇଥାଏ। ଏହି ସବୁ କାର୍ଯକ୍ରମକୁ ଦେଖି ସଖୀବଟ ଉନ୍ନୟନ ପରିଷଦ ପକ୍ଷରୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଙ୍କୁ ବାର୍ଷିକ ଯଜ୍ଞ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କୁ 'ସଖୀବଟ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।ଏହି ମଞ୍ଚର ଅତିଥି ଭାବରେ ଇଞ୍ଜିନିୟର ଶତ୍ରୁଘ୍ନ ଦାସ, ଟ୍ରଷ୍ଟ ବୋର୍ଡ ସଭାପତି ଅକ୍ଷୟ ପାଣି, ବିଷ୍ଣୁ ଚରଣ ସ୍ୱାଇଁ, ସଖୀବଟ ଉନ୍ନୟନ ପରିଷଦର ସହ ସଂଯୋଜକ ଅଭୟ କୁମାର ପତ୍ରୀ ଉପସ୍ଥିତ ଥିଲେ।

---

## ବିଦ୍ୟାଳୟରେ ନିରାପତ୍ତା ଏବଂ ସୁରକ୍ଷା ସମ୍ପର୍କିତ କର୍ମଶାଳା



**କେନ୍ଦ୍ରାପଡ଼ା, ୨୩।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଦେପୁରସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ମୋ ସ୍କୁଲ ଅଭିଯାନ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମନୋଜ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ନିରଞ୍ଜନ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ ଏହି କର୍ମଶାଳାରେ ଯୋଗଦେଇ ନିରାପତ୍ତା ଏବଂ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବା ସହିତ ବହୁ ଶିକ୍ଷଣୀୟ ଉପଦେଶମାନ ଦେଇଥିଲେ। ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିପରି ଅଗ୍ନିକୁ ଆୟତ୍ତ କରାଯାଇପାରିବ ଏବଂ ଜରୁରୀ ସମୟରେ କିପରି ୧୧୨ନମ୍ବରକୁ ଫୋନ କରି ଆବଶ୍ୟକ ସେବାପ୍ରାପ୍ତ କରାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ବଜ୍ରପାତ ବେଳେ କି ପ୍ରକାର ପଦକ୍ଷେପ ନିଆଯିବା ଉଚିତ, ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ଲେଙ୍କା ସାପ କାମୁଡିଦେଲେ ପ୍ରଥମେ କିଭଳି ପ୍ରାଥମିକ ଚିକିତ୍ସା କରାଯିବା କଥା, ଶିକ୍ଷୟିତ୍ରୀ ସବିତା ରାଉତ ଗ୍ରୀଷ୍ମପ୍ରବାହରେ ଅଂଶୁଘାତରୁ ସୁରକ୍ଷା ପାଇଁ ପ୍ରାଥମିକ ଉପଚାର କିଭଳି କରାଯିବା କଥା ସେ ସମ୍ପର୍କରେ ଆଲୋଚନା କରିଥିଲେ।

### ଇକୋ କ୍ଲବ୍‌ର ବୃକ୍ଷରୋପଣ କାର୍ଯ୍ୟକ୍ରମ

ବିଦ୍ୟାଳୟର ଇକୋ କ୍ଲବ ସଂଯୋଜକ ଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରଚଣ୍ଡ ଗ୍ରୀଷ୍ମରେ ରୌଦ୍ରତାପକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟର ହତା ମଧ୍ୟରେ ଏବଂ ବାହାରେ ଦେବଦାରୁ, ତାଳ ପ୍ରଭୃତି ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁଜାତା ସାହୁ, ସାବିତ୍ରୀ ସାହୁ, ଆରତୀ ଖଟୁଆ, ଲକ୍ଷ୍ମୀ ନାୟକ, ଜୟନ୍ତୀ କୁମାରୀ ମହାନ୍ତି, ଦୀପା ରାଉତରାୟ, ଶଙ୍କର୍ଷଣ ମେକାପ, ରାଇସନ ମାରାଣ୍ଡୀ, ଦିବ୍ୟଜ୍ୟୋତି ଦାସ, ମାନସ କୁମାର ତରାଇ ପ୍ରମୁଖ ସହଯୋଗ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେଶ୍ୱର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

---

## ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ବାର୍ଷିକ ଉତ୍ସବ



**ମାର୍ଶାଘାଇ, ୨୩।୪(ସମିସ)** ମାର୍ଶାଘାଇ ବ୍ଲକ ପରକୁଳା ଅଭିରାମ ଆଶ୍ରମ ପ୍ରାଙ୍ଗଣରେ ଅଭିନ୍ନସୁନ୍ଦର ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଲୀଳାମୟ ଯୁଗପୁରୁଷ ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ୩୭ତମ ଭକ୍ତ ବାର୍ଷିକ ଉତ୍ସବ ଓ ଧର୍ମସମ୍ମିଳନୀ ଚତୁର୍ଥପ୍ରହରୀ ନାମଯଜ୍ଞ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଛି। ବାର୍ଷିକ ଉତ୍ସବ ଉଦ୍‌ଘାଟନ ଦିବସରେ କଳସ ସଂସ୍ଥାପନ, ଶ୍ରୀ ଶ୍ରୀଠାକୁରଙ୍କ ମଞ୍ଚ ଆରୋହଣ, ଶୁଭାଧିବାସ ଷୋଡ଼ଶ ଉପଚାର ପୂଜା ସହ ଚତୁର୍ଥପ୍ରହରୀ ନାମଯଜ୍ଞ, ଶୁଭାଧିବାସ ଓ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଶ୍ରୀ ଶାନ୍ତି ଧାମରପରମପୂଜ୍ୟ ଆଚାର୍ଯ୍ୟଦେବ ଓ ପୂଜନୀୟ ଭଗବତଗୋଷ୍ଠୀ ଦ୍ୱାରାସ୍ୱିକୃତିପ୍ରାପ୍ତପୂଜ୍ୟବାବାଜୀହରିଶଙ୍କରଦାସ ମହାରାଜ ଯୋଗଦେଇ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ଧାରାବାହିକ ପ୍ରବଚନ ପ୍ରଦାନକରିଥିଲେ। ଏଥିରେ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକଙ୍କଟ ଅଭିନ୍ନ ସୁନ୍ଦର ଭକ୍ତସମିତି ତରଫରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସନ୍ୟାସିନୀ ସୀତାମାତା, ବାବାଜୀ ଦିଗାମ୍ବର ଦାସ ମହାରାଜ, ବାବାଜୀ ସୁଧାନନ୍ଦ ଦାସ ମହାରାଜବାବାଜୀ ଦୟାନିଧିଦାସ ମହାରାଜ ଓ ବରିଷ୍ଠ ନାଟ୍ୟକାର ପ୍ରବଚକ ଅଧ୍ୟାପକ ଉତ୍ତମ ଚରଣ ଦାସ ମହାରାଜ ଉପସ୍ଥିତ ରହି ହରିକଥା ଓ ଆର୍ଶୀବଚନ ପ୍ରଦାନ କରିଥିଲେ।

---

## ପାଣିରେ ବୁଡ଼ି ଯୁବକ ମୃତ

**ତିର୍ତ୍ତୋଲ, ୨୩।୪(ସମିସ):** ତିର୍ତ୍ତୋଲ ଥାନା ଜଡତିରା ଗ୍ରାମର ବନମାଳୀ ରାଉତଙ୍କ ପୁତ୍ର ମନୋଜ ରାଉତ ଆଜି ଅପରାହ୍ନରେ ପାଣି ବୁଡି ଯାଇ ମୃତ୍ୟୁ ବରଣ କରିଛନ୍ତି। ସେ ତିର୍ତ୍ତୋଲ ଫାର୍ମ ନିକଟରେ ଥିବା ଖାଲକୁ ଶୌଚ ହେବା ପାଇଁ ଯାଇଥିବାବେଳେ ତାଙ୍କ ଗୋଡ ଖସିଯାଇଥିଲା। ସେ ପାଣି ପଡ଼ିଯାଇଥିଲେ। ପରେ ଗ୍ରାମବାସୀ ପାଣିରେ ଖୋଜାଖୋଜି କରି ନପାଇବାରୁ ତିର୍ତ୍ତୋଲ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର କର୍ମଚାରୀ ମାନେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ।

---

## ପୋଖରୀଆପଡ଼ା ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା



**ପଟ୍ଟାମୁଣ୍ଡାଇ, ୨୩।୪(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ାରେ ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବିଧି ଅନୁଯାୟୀ କାକଟପୁର ମା' ମଙ୍ଗଳାଙ୍କ ପୀଠରୁ ଆଜ୍ଞାମାଳ ପହଞ୍ଚିବା ପରେ କଳସ ଯାତ୍ରା, ମା'ଙ୍କ ଚଳନ୍ତୀ ପ୍ରତିମା ମନ୍ଦିର ପ୍ରଦକ୍ଷିଣ, ମା'ଙ୍କ ଷୋଡଶ ଉପଚାରରେ ପୂଜା, ଚଣ୍ଡୀପାଠ, ହୋମଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ବ୍ରତଧାରିଣୀ ଶହ ଶହ ସଂଖ୍ୟାରେ ମହିଳାମାନେ ମା'ଙ୍କ ମନ୍ଦିର ବେଢ଼ାରେ ଅଧିଆ ପଡ଼ିବା ସହିତ ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳା ମା'ଙ୍କ ବିଭାନ ବାଜା, କୀର୍ତ୍ତନ ସହ ଆଖପାଖ ଗ୍ରାମ ପରିକ୍ରମା କରିଥିଲା। କାକଟପୁର ମା' ମଙ୍ଗଳାଙ୍କ ପୀଠରୁ ଆସିଥିବା ପାଟୁଆ ମସ୍ତକରେ ରୁଖା ଧାରଣ କରି ଝାମୁ ଗାଡରେ ପ୍ରସ୍ତୁତ ଅଗ୍ନିରେ ଖାଲି ପାଦରେ ଚାଲିବା ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା ମଙ୍ଗଳା ସ୍ୱତନ୍ତ୍ର ପୂଜାନୀତିରେ ପଣା ଲାଗି କରାଯିବା ପରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ପୀଠ ପରିଚାଳକ ଜଗବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଝାମୁଯାତ୍ରା ଉତ୍ସବରେ ଭଜନ ସମାରୋହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ପ୍ରସାଦକୁ ମା'ଙ୍କୁ ଲାଗି କରାଯିବା ପରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଉତ୍ସବକୁ କାଉନସିଲର ଲାସ୍ୟମୟୀ ସାହୁ, ସମାଜସେବୀ ଶୁଭେନ୍ଦ୍ର ଚୌଧୁରୀ, ନିରାକାର ସାହୁ, ଧିରେନ୍ଦ୍ର ଚୌଧୁରୀ, ଧିରେନ ନାୟକ, କୃପାସିନ୍ଧୁ ନାୟକ, ଅରୁଣ ନାଥ, ପିଣ୍ଟା ଚୌଧୁରୀ, ଜିତେନ୍ଦ୍ର ନାୟକ, ଲକି ପାତ୍ର ପ୍ରମୁଖ ଗ୍ରାମବାସୀ ପରିଚାଳନା କରିଥିଲେ। ହଜାର ହଜାର ଭକ୍ତ ମଙ୍ଗଳା ମାଙ୍କୁ ଦର୍ଶନ କରି ଝାମୁଯାତ୍ରା ଦେଖିବା ସହିତ ପ୍ରସାଦ ସେବନ କରିଥିଲେ।

---

### ହିନ୍ଦୁଳିଆ ପଞ୍ଚାୟତ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଜଗତସିଂହପୁର ମୁନ୍‌ଲାଇଟ ଟିମ୍ ଚାମ୍ପିଅନ




**ମାର୍ଶାଘାଇ, ୨୩।୪(ସମିସ):** ମାର୍ଶାଘାଇ ବ୍ଲକ ହିନ୍ଦୁଳିଆ ପଞ୍ଚାୟତ ହାତିଆ ଗ୍ରାମ କ୍ରିକେଟ ପଡ଼ିଆଠାରେ ଷଷ୍ଠ ବାର୍ଷିକ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ମୁନ ଲାଇଟ କ୍ରିକେଟ ଟିମ ପାରାଦୀପ ଶ୍ରୀରାମ କ୍ରିକେଟ ଟିମକୁ ହରାଇ ଚମ୍ପିୟାନ ହୋଇଛି। ହାତିଆ ଗ୍ରାମର ରଘୁନାରାୟଣୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଖା।ଦ. ଯୋଗାଣ, ସମବାୟ ସମିତି, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସଞ୍ଜୟ ଲୋଙ୍କା, ହିନ୍ଦୁଳିଆ ସରପଞ୍ଚ ମନୋଜ କୁମାର ସ୍ୱାଇଁ, ବିଜୁ କୃଷକ ମୋର୍ଚ୍ଚା ସଭାପତି ତଥା ଆଖୁଆ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଦାସ, ହିନ୍ଦୁଳିଆ ସମିତି ସଭ୍ୟ ବିପିନ୍ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ମାଧବାନନ୍ଦ ପାତ୍ର, ନବଘନ ମହାରଣା ପ୍ରମୁଖ ଅତିଥି ଭାବେ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେଇଥିଲେ। ରଘୁ ନାରାୟଣୀ କ୍ରିକେଟ କ୍ଲବର ଚନ୍ଦ୍ରକାନ୍ତ ଦାସ, ମାନସ ଦ୍ୱିବେଦୀ, ପ୍ରଦିପ ଦାସ, ମନୋଜ ଦାସଙ୍କ ସମେତ ହାତିଆ ଗ୍ରାମର ବହୁ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

---

# ଅମର ସହିଦ ବାସୁ-ବିଶୁନିଙ୍କ ଆତ୍ମୋତ୍ସର୍ଗ ଦିବସରେ ଶ୍ରଦ୍ଧାଞ୍ଜଳି

**ରାଜକନିକା, ୨୩।୪(ସମିସ)**

ଅତ୍ୟାଚାରୀ ରାଜଶାସନରେ ଅତିଷ୍ଠ କନିକାର ପ୍ରଜାକୁଳକୁ ମୁକ୍ତିର ମନ୍ତ୍ର ଦେଇ କ୍ରାନ୍ତିର ଆହ୍ୱାନ ତୋଳି ପ୍ରଜାମେଳିର ନେତୃତ୍ୱ ନେଇ ବ୍ରିଟିଶ ପୁଲିସ ଗୁଳିରେ ପ୍ରାଣବଳୀ ଦେଇଥିବା ଅମର ସହିଦ ବାସୁ ବିଶୁନିଙ୍କ ୧୦୨ ତମ ଆତ୍ମୋତ୍ସର୍ଗ ଦିବସରେ ଆଜି କନିକାବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶା ଅସହଯୋଗ ଆନ୍ଦୋଳନର ପ୍ରଥମ ସହିଦ ଭାବେ ଖ୍ୟାତ କନିକାର

### ଜାତୀୟ ସ୍ମାରକୀ ଘୋଷଣା ପାଇଁ ଦାବି

ଦୁଇ ବରପୁତ୍ରଙ୍କ ଆଜି ବଳିଦାନ ଦିବସରେ କନିକାର ସେହି ଅମା ଅନ୍ଧକାର ଯୁଗର ରକ୍ତିମ ଇତିହାସକୁ ମନେ ପକାଇ ଆଜି କନିକା ସହିଦ ସ୍ମୃତି ସଂସଦ ବେବର୍ତ୍ତା ସହିଦ ସରୋବର ତଟରେ କନିକା ପ୍ରଜା ଆନ୍ଦୋଳନର ଅତୀତର ପୃଷ୍ଠାକୁ ରୋମନ୍ଥନ କରିଛି। ବୀର ପ୍ରସବିନୀ କନିକାର ଦୁଇ ଯୋଗଜନ୍ମା ସନ୍ତାନଙ୍କ ଆତ୍ମ ବଳିଦାନ ସମ୍ପର୍କରେ ଉତ୍ତରପିଢିକୁ ପ୍ରେରଣା ଦେଇ ନିଜ ବିପ୍ଳବୀ ମାନସିକତାକୁ ରୁଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ଏହି ସ୍ମାରକୀକୁ ଜାତୀୟ ମାନ୍ୟତା ପାଇଁ ଦାବି କରାଯାଇଛି। ୧୯୮୦ ମସିହା ଠାରୁ ସ୍ମୃତି ସଂସଦ ପକ୍ଷରୁ ପାଳନ କରାଯାଇ ଆସୁଥିବା କନିକାବାସୀଙ୍କ ବୀରତ୍ୱକୁ ସାବାସୀ ଜଣାଇ ଆଜି ରାଜକନିକା ବ୍ଲକର ବିଡ଼ିଓ ପୃଥ୍ୱୀରାଜ ପରିଡ଼ା ବିପ୍ଳବୀ ସହିଦ ସ୍ତମ୍ଭରେ ସହିଦଙ୍କ ସ୍ମୃତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରି ସହିଦ ପୀଠର ବିକାଶ କାମନା କରିଥିଲେ। ତେନ୍ତୁଳିକୋଳି ଗାଁର ବାସୁ ସେଠି ଓ ବର୍ତ୍ତନୀ ଗାଁର ବିଶୁନି ମଲ୍ଲୁଆଳ ନିଜ ମା ଓ ମାଟିର ମୁକ୍ତି ପାଇଁ ଆଜକୁ ୧୦୨ ବର୍ଷ ପୂର୍ବେ ଥିବା ବ୍ରିଟିଶ ଫଉଜ ଗୁଳିମାଡ଼ରେ ଜୀବନ ହାରି ସହିଦ ହୋଇଥିଲେ। କନିକାର ଏହି ମହାନ ଯୋଦ୍ଧାଙ୍କ ବଳିଦାନକୁ ମନେ ପକାଇ ବେବର୍ତ୍ତା ସହିଦ ସରୋବର ତଟରେ ଥିବା ସ୍ମୃତି ସ୍ତମ୍ଭରେ ଆଜି ପ୍ରତ୍ୟୁଷରୁ ତିଳତର୍ପଣ, ରାମଧୁନ କରାଯିବା ପରେ ପ୍ରଭାତଫେରୀ କରାଯାଇଥିଲା। କନିକା ସହିଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଆଜିର ସ୍ମୃତି ଦିବସରେ ସଭାପତି ଦାମୋଦର ଧଳ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜକନିକା ବିଡ଼ିଓ ପୃଥ୍ୱୀରାଜ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଗ୍ରାମୀ କନିକାର ଅସ୍ମିତାକୁ ସାବାସୀ ଦେଇଥିଲେ। ଏହି ସଭାରେ ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ସଂସଦର ସଦସ୍ୟ କାଳିପ୍ରସାଦ ନାୟକ, ଲୋତକବିନ୍ଦୁ ଦାସ, ହରେକୃଷ୍ଣ ବାରିକ, ଧନେଶ୍ୱର ରାଉତ, ନବକିଶୋର ସୁତାର, ସାମ୍ବାଦିକ ଶିବରାମ ଦାସ, ଗୁରୁଚରଣ ବେହେରା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ବଳ, ସୁଦାମ ଦାସ, ରଞ୍ଜନ ସେଠି, ବିବେକାନନ୍ଦ ରାଉତରାୟ, ପ୍ରମୁଖ ସ୍ମୃତି ଚାରଣ କରି କନିକାର ବିପ୍ଳବୀ ବୁନିୟାଦର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈରାଗୀ ସାହୁ, ବିଧାନ ଦାସ, ସବିତା ବରଜ, ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ନୃସିଂହ ତରାଇ, ଶରତ ସେଠି, ଗୁରୁଚରଣ ଭୂୟାଁ, ରମାକାନ୍ତ ବେହେରା, ସିକୋ ସରପଞ୍ଚ ଗଙ୍ଗାଧର ବେହେରାଙ୍କ ସହ କନିକା ଅଞ୍ଚଳର ବିଭିନ୍ନ ସଂଗଠନ ଓ ଜନଗଣ ଯୋଗ ଦେଇ ମାଟିର ଏହି ଅସ୍ମିତାକୁ ସାବାସୀ ଦେଇଥିଲେ। ସଂସଦର ସମ୍ପାଦକ ସୁକାନ୍ତ ଦାଶଙ୍କ ସଂଯୋଜନାରେ ଏବଂ ନେତାଜୀ କ୍ଲବ ତରାସର ସଦସ୍ୟଙ୍କ ସହଯୋଗରେ ଅନୁଷ୍ଠିତ ଏହି ଦିବସରେ କନିକାବାସୀ ଅତୀତର ବୀରତ୍ୱକୁ ମନେ ପକାଇଥିଲେ।



## ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ

# ବିଜେଡି-ବିଜେପି ଲଢ଼େଇରେ ସ୍ଥିତି ଖୋଜୁଛି କଂଗ୍ରେସ

**ଆଠମଲ୍ଲିକ, ୨୩।୪(ସମିସ)**

ସମ୍ବଲପୁର ୦୩ ଲୋକସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଭାବେ ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି ), ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ(ମୁନ୍ନୁ ) ଓ ଜାତୀୟ କଂଗ୍ରେସ ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନ ବୈଦାନରେ ଅଛନ୍ତି। ଉଭୟ ପ୍ରଣବ ଓ ଧର୍ମେନ୍ଦ୍ର ନିଜ ନିଜ ଶୈଳୀରେ ପ୍ରଚାର ଆରମ୍ଭ କରିସାରିଲେଣି। ସମ୍ବଲପୁର ଲୋକସଭା କ୍ଷେତ୍ରଟି ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା, ଦେବଗଡ଼, ରେଢ଼ାଖୋଲ, ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ। ବିଜେପି ତା'ର ସମସ୍ତ ୭ ଟି ଯାକ ବିଧାନସଭା ପାଇଁ ପ୍ରାର୍ଥୀ ଆଗୁଆ ଘୋଷଣା କରିଥିବା ବେଳେ ବିଜେଡି ଛେଣ୍ଡିପଦା, ଆଠମଲ୍ଲିକ ଓ ରେଙ୍ଗାଲିର ପ୍ରାର୍ଥୀ ପ୍ରଥମ ଦଫାରେ ଘୋଷଣା କରିଥିବା ବେଳେ ବିଳମ୍ବରେ ଦେବଗଡ଼, କୁଚିଣ୍ଡାରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସମ୍ବଲପୁର ଓ ରେଢ଼ାଖୋଲରେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତ ରେ ପ୍ରାର୍ଥୀଙ୍କୁ ଅଦଳବଦଳ କରିଛି। ଆଠମଲ୍ଲିକରେ ବିଜୁ ଜନତା ଦଳ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଟିକେଟ କାଟି ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ସେହିଭଳି ଭାରତୀୟ ଜନତା ପାର୍ଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସଂଜୀବ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି। ସଂଜୀବ ପୂର୍ବରୁ ବିଜେଡିରୁ ଆଠମଲ୍ଲିକ ବିଧାୟକ ହୋଇସାରିଛନ୍ତି। ଗତ ୨୦୧୯ରେ ବିଜେଡି ତାଙ୍କ ଟିକେଟ କାଟିଦେବା ଫଳରେ ସଂଜୀବ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗଦେଇଥିଲେ। ବିଜେପି ତାଙ୍କର ଅଭିଜ୍ଞତାକୁ ପାଥେୟ କରି ତାଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ଅପର ପକ୍ଷରେ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଟିକେଟ କଟିବା ପରେ ସେ ମଧ୍ୟ ଇତିମଧ୍ୟରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେପି ତା'ର ବଳ ଗୋଟାଇବାରେ ଲାଗି ପଡିଛି। ବିଜେପି ପ୍ରାର୍ଥୀ ସଂଜୀବ ନିର୍ବାଚନ ମଣ୍ଡଳୀରେ ଗାଁ ଗାଁ ବୁଲି ନିଜ ସପକ୍ଷରେ ଓ ସାଂସଦ ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି।





ଅପର ପକ୍ଷରେ ବିଜେଡି ପକ୍ଷରୁ ନଳିନୀ ମଧ୍ୟ ନିଜର ଓ ସାଂସଦ ପ୍ରାର୍ଥୀ ପ୍ରଣବପ୍ରକାଶଙ୍କ ପାଇଁ ପ୍ରଚାରକୁ ଜୋର କରିଛନ୍ତି। ଇତିମଧ୍ୟରେ ପ୍ରଣବ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀକୁ ବାରମ୍ବାର ଗସ୍ତକରି କର୍ମୀମାନଙ୍କ ମନୋବଳ ଦୃଢ଼ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ନଳିନୀ ଓ ସଂଜୀବଙ୍କ ପାଇଁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଯେଭଳି ସମ୍ମାନର ପ୍ରଶ୍ନ ହୋଇଯାଇଛି, ସେହିଭଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ଓ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶଙ୍କର ଏଠାରୁ କିଏ କେତେ ଅଧିକ ଭୋଟ ହାତେଇବାରେ ସକ୍ଷମ ହୋଇପାରିବେ ତାହା ବର୍ତ୍ତମାନ ପ୍ରଶ୍ନବାଚୀ ହୋଇପଡିଛି। କଂଗ୍ରେସ ତା'ର ଆଠମଲ୍ଲିକ ବିଧାନସଭା ପାଇଁ ବିଜୟାନନ୍ଦ ଚାଉଳିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ ସାଂସଦ ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିଛି। କଂଗ୍ରେସ ପ୍ରାର୍ଥୀ ଭୋଟ ସରିବା ପରେ ପୁଣି ୫ ବର୍ଷ ପରେ ଲୋକଙ୍କ ପାଖକୁ ନିର୍ବାଚନ ସମୟରେ ପହଞ୍ଚୁଥିବା ବେଳେ କଂଗ୍ରେସ କର୍ମୀ ଓ ଭୋଟର ନେତୃତ୍ୱ ଉପରେ ଭରସା କରିପାରୁନାହାନ୍ତି। କଂଗ୍ରେସର ପ୍ରଚାର ପ୍ରସାର ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ହେଉଥିବାରୁ କର୍ମୀ ମହଲରେ ନୈରାଶ୍ୟଭାବ ଦେଖାଯାଉଛି। ବିଜେଡି ନବୀନଙ୍କ ବିକାଶକୁ ତା'ର ମୁଖ୍ୟ ମୁଦ୍ଦା କରିଥିବା ବେଳେ ବିଜେପି ମୋଦୀ ଗ୍ୟାରେଣ୍ଟିକୁ ପାଥେୟ କରି ପ୍ରଚାର ମଇଦାନକୁ ଓହ୍ଲାଇଛି। କିନ୍ତୁ ଦୁଃଖର କଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ବିକାଶ ତ ଦୂରର କଥା କେନ୍ଦ୍ରୀୟ ବିଦ୍ୟାଳୟଟିଏ ମଧ୍ୟ କରାଯାଇ ପାରିଲାନାହିଁ। ଭୋଟର ଆଠମଲ୍ଲିକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶକୁ ନେଇ ମତଦାନ କରିବେ ବୋଲି ଜଣାଯାଇଛି। କଂଗ୍ରେସ ପାଇଁ ସବୁଠାରୁ ମୁଖ୍ୟକଥା ହେଉଛି ପୂର୍ବତନ ସାଂସଦ ଅମରନାଥ ପ୍ରଧାନଙ୍କ ନୀରବତା। ଆଠମଲ୍ଲିକ ବିଧାନସଭା କ୍ଷେତ୍ରରୁ ଅମର ବିଧାୟକ ହୋଇ ବହୁବାର ବିଭିନ୍ନ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇ ସାରିଛନ୍ତି। ଆଠମଲ୍ଲିକ ଓ ଛେଣ୍ଡିପଦା ୨ ନିର୍ବାଚନ ମଣ୍ଡଳୀରେ ତାଙ୍କର ସଂଗଠନ ଆଜି ବି ରହିଛି। ଗତ ୨୦୦୯ରେ ଅମର ସମ୍ବଲପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭଲ ଭାବମୂର୍ତ୍ତି ରହିଆସିଛି। ବହୁ ଉନ୍ନତିମୂଳକ କାର୍ଯ୍ୟ ସମସ୍ତ ୭ ନିର୍ବାଚନ ମଣ୍ଡଳୀରେ ସେ କରିଛନ୍ତି। ଅନ୍ୟ ଏକ ବିଶେଷ ତଥ୍ୟ ହେଉଛି ଅମର ସମ୍ବଲପୁର ସଂସଦୀୟ କ୍ଷେତ୍ରର ବାସିନ୍ଦା ଓ ଭୋଟର ମଧ୍ୟ। ଅମରଙ୍କ ଗାଁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଜରପଡ଼ା ଥାନା ଗୋଳାବନ୍ଧ ଗ୍ରାମରେ ଓ ସେ ନିଜର ଭୋଟ ମଧ୍ୟ ଗାଁ ବୁଥରେ ଦେଇଥାନ୍ତି। ବିଜେଡି ପ୍ରାର୍ଥୀ ନଳିନୀଙ୍କ ସହ ୭ ଜଣ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୬ ଜଣ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କିଶୋରନଗର ବ୍ଲକ ଅଧ୍ୟକ୍ଷା/ଉପାଧ୍ୟକ୍ଷ, ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, କାଉନସିଲର, ସରପଞ୍ଚ, ସମିତିସଭ୍ୟ/ସଭ୍ୟାଙ୍କ ସମେତ ସମସ୍ତ ଛାମୁଆ ସଂଗଠନ ରହିଛି। ଫଳରେ ନଳିନୀ ନିର୍ବାଚନ ମଇଦାନରେ ଆଗରେ ଥିବାବେଳେ ସଂଜୀବ ମଧ୍ୟ ତାଙ୍କ ପୁରୁଣା ନେତାକର୍ମୀଙ୍କୁ, ବିଜେପି ସଂଗଠନ ଓ ବିଧାୟକଙ୍କ ସଂଗଠନକୁ ପାଥେୟ କରି ଭୋଟ ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି। କଂଗ୍ରେସର ନେତୃତ୍ୱ ଅଭାବରୁ ବହୁ କର୍ମୀ ଓ ନେତା ଅନ୍ୟ ଦଳ ମୁହାଁ ହେବାକୁ ଲାଗିଛନ୍ତି। ଗତ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇ ପ୍ରାୟ ୪୦ ହଜାର ଭୋଟ ପାଇଥିବା ଭାଗିରଥି ପ୍ରଧାନଙ୍କୁ ଗତ ଶୁକ୍ରବାର ବିଜେଡି ଦଳରେ ସାମିଲ କରିଛି। ଫଳରେ ବିଜେଡି ଏଠାରେ ଶକ୍ତିଶାଳୀ ହେବ ବୋଲି ଆଲୋଚନା ହେଉଛି। ଚଳିତ ନିର୍ବାଚନରେ ଆଠମଲ୍ଲିକ ୬୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୯ ଟି ମତଦାନ କେନ୍ଦ୍ରରେ ୨ ଲକ୍ଷ ୯ ହଜାର ୫୬୫ ଭୋଟର ମତଦାନ କରିବେ ବୋଲି ଜଣାଯାଇଛି।

■ ୧ କେଜି ବ୍ରାଉନସୁଗର ଜବତ ଘଟଣା

## ଚେଇଁ ଶୋଇଛି ପୁଲିସ ଓ ଅବକାରୀ ବିଭାଗ

**ତାଳଚେର ସଦର, ୨୩।୪(ସମିସ):** ଶିଳ୍ପନଗରୀ ତାଳଚେରର ଉପଖଣ୍ଡ ଅଞ୍ଚଳରେ ଦୁଇଜଣ ବ୍ୟକ୍ତି ଏକ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗର ନେଇ ଯାଉଥିବା ବେଳେ ଏସଟିଏଫ୍ ଟିମ୍ ହାତରେ ଧରା ପଡ଼ିବା ଘଟଣା ସମଗ୍ର ତାଳଚେରରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ତେବେ ଏନେଇ ତାଳଚେର ଅବକାରୀ ବିଭାଗକୁ ପଚାରିବାରୁ ତାଳଚେର ଟାଉନ ଥାନା ସହ ଯୋଗାଯୋଗ କରନ୍ତୁ, ଆମେ କିଛି ଜାଣିନାହୁଁ ବୋଲି ଉତ୍ତର ମିଳିଥିଲା। ତାଳଚେର ଟାଉନ ଥାନା ଅଧିକାରୀଙ୍କୁ ପଚାରିଲେ ସେ କୁହନ୍ତି, ଏଭଳି କୌଣସି ଘଟଣା ଆମ ଥାନା ପର୍ଯ୍ୟନ୍ତ ଆସିନାହିଁ। ତେବେ କଥା ଉଠୁଛି, ପୁଲିସ ଓ ଅବକାରୀ ବିଭାଗ ସତରେ କିଛି ଜାଣିପାରୁନି ନା ଜାଣିଶୁଣି ଏସବୁକୁ ଘଣ୍ଟ ଘୋଡ଼ାଇବା ଲାଗି ପ୍ରୟାସ କରୁଛି। ଯଦି ଏହା ସତ୍ୟ ,ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ କେତେ ପରିମାଣରେ ଧଳାଜହର କାରବାର ହେଉଥିବ, ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ସମ୍ଭବତଃ ହିଙ୍ଗୁଳା ଯାତ୍ରା ଓ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଧଳାଜହର ମାଫିଆମାନେ ଏତେ ନିଶାଦ୍ରବ୍ୟ କାରବାର ଆରମ୍ଭ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସ୍ଥାନୀୟ ପୁଲିସ୍, ଅବକାରୀ ଓ ପ୍ରଶାସନ ଦିନ ଥାଉ ଥାଉ ଏଥିପ୍ରତି ଦୃଷ୍ଟି ନଦେଲେ, ଆଗକୁ ଏହା ଭୟଙ୍କର ରୂପ ନେବେ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ତେବେ ଅଟକ ଥିବା ୨ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ବିଜେଡିର କାର୍ଯ୍ୟକାରିଣୀ ବୈଠକ



**ବନ୍ତଲା ୨୩।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ପ୍ରଥମ ଥର ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ନଂ, ୩ନଂ ଓ ୪ନଂ ଜୋନର ବୈଠକ ବନ୍ତଲା ସ୍ଥିତ ଜରାରପୁର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଢେଙ୍କାନାଳ ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅବିନାଶ ସାମଲ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ସହ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନୁଗୋଳ ବିଜୁ ଜନତା ଦଳ ଜିଲ୍ଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ବଣ୍ଡାଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ସହ ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଦୁର୍ବ ଚରଣ ଦେହୁରୀ, ଅନୁଗୋଳ ଜିଲ୍ଲା ସଂପାଦକ ଭାଗିରଥି ମାଝୀ, ଅନୁଗୋଳ ବ୍ଲକ ମହିଳା ସଭାପତି କଲ୍ୟାଣି ବିଳାସ, ବିଭିନ୍ନ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ। କିପରି ନିର୍ବାଚନ ଲଢ଼ିବା ସେ ନେଇ ଏହି ବୈଠକରେ ରଣନୀତି ପ୍ରସ୍ତୁତ ହୋଇଥିଲା।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

**ଢେଙ୍କାନାଳ, ୨୩।୪ (ସମିସ) :** ସ୍ଥାନୀୟ ଦକ୍ଷିଣ କାଳୀ ରୋଡ ଅମରନାଥ ହଲ ନିକଟରେ ରାସ୍ତା କାର୍ଯ୍ୟରେ ନିୟୋଜିତ ହୋଇଥିବା ଜନୈକ ଦିନ ମଜୁରିଆରଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ସଦର ବ୍ଲକ ଅନ୍ତର୍ଗତ ଚାଉଳିଆ ଗ୍ରାମପଞ୍ଚାୟତର ତିଳପଦା ଗ୍ରାମର ନିମାଇଁ ଚରଣ ରାଉତ (୬୨) ମଙ୍ଗଳବାର ପୂର୍ବାହ୍ନ ୧୨ଟା ସମୟରେ ରାସ୍ତା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ନିମାଇଁ ଅଂଶୁଘାତ ଯୋଗୁ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ବାସିନ୍ଦା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ତୁରନ୍ତ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ମଟର ସାଇକଲ ଆରୋହୀ ମୃତ

**ଢେଙ୍କାନାଳ, ୨୩।୪ (ସମିସ) :** ସଦର ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥର ସିମିନଇ ଗ୍ରାମ ନିକଟରେ ଏକ ଦ୍ରୁତଗାମୀ କାର ଦୁର୍ଘଟଣାରେ ମଟର ସାଇକଲ ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ନୟାଭାଗିରଥିପୁର ଗ୍ରାମ ନିକଟରେ ରେଳ ଧାରଣା କାର୍ଯ୍ୟରତ ହାଇଡ୍ରା ଡ୍ରାଇଭର ଏକ ମଟର ସାଇକଲ ଯୋଗେ ସିମିନଇ ଅଞ୍ଚଳରୁ କାର୍ଯ୍ୟସାରି ନୟାଭାଗିରଥି ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ଏକ କାର (ଓଡି ୦୨ ଏୟୁ୦୧୭୧) ମଟର ସାଇକଲକୁ ଧକ୍କା ଦେଇଥିଲା। ମଟର ସାଇକଲ ଚାଳକର ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିର କୌଣସି ପରିଚୟ ମିଳି ନଥିବା ବେଳେ ପୁଲିସ ଶବକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ତଦନ୍ତ କରୁଛି।

## ମା' କୁଆଁଦେଇଙ୍କ ବାର୍ଷିକ ପୂଜା

**କଣିହାଁ ୨୩।୪(ସମିସ):** କଣିହା ବ୍ଲକ ଡେରଙ୍ଗ ଗ୍ରାମରେ ମଙ୍ଗଳବାର ମା' କୁଆଁଦେଇଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷର ପରମ୍ପରାକୁ ନେଇ ଏହା ଚୈତ୍ର ପୂର୍ଣ୍ଣିମା ତିଥିରେ ପାଳିତ ହୋଇଥାଏ। ଅନେକ ମାନସିକଧାରୀଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ଅଦ୍ୟାବଧି ରହିଛି। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଗ୍ରାମଗୁଡିକରୁ ଶ୍ରଦ୍ଧାଳୁ ଜମିଥିଲେ। ପୂଜା କମିଟି ସଭାପତି ଦିଲୀପ ଦେହୁରୀ, ସମ୍ପାଦକ ନେଙ୍କୁରି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅଭିଯୁକ୍ତ ନିର୍ମଳକୁ କାବୁକଲା ପୁଲିସ



**ଗଁଦିଆ, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନାଞ୍ଚଳରେ ୨୦ରୁ ଅଧିକ ଅପରାଧିକ ମାମଲାରେ ସମ୍ପୃକ୍ତଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଆଇ ଆଇସି ଶଲିଲ୍ କୁମାର ପ୍ରଧାନଙ୍କ ସମେତ ସବ୍ ଇନ୍ସପେକ୍ଟର ସୁବ୍ରତ ସାହୁ, ଏଏସ୍‌ଆଇ ରମେଶ ବାଲମୁଚ ଓ ଥାନାର ଅନ୍ୟାନ୍ୟ ସାଥୀଙ୍କୁ ନେଇ ଏକ ସ୍କ୍ୱାର୍ଡ ଗଠନ କରାଯାଇ ଆତିଣ୍ଡା ଗ୍ରାମର ନିର୍ମଳ ଦାସକୁ ଗିରଫ୍ କରାଯାଇଛି। ଏହି ଗିରଫ ଅଭିଯୁକ୍ତ ନିର୍ମଳକୁ ମେଡିକାଲ ଯାଞ୍ଚ କରାଯାଇ କୋର୍ଟରେ ହାଜର କରିଥିଲେ।

## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ



**ଢେଙ୍କାନାଳ, ୨୩।୪ (ସମିସ) :** ଓଡାପଡ଼ା ବ୍ଲକ ଅନ୍ତର୍ଗତ ମୋଟଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚତୁର୍ଥ ପର୍ଯ୍ୟାୟ 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ ବିଦ୍ୟାଳୟର ସଭାପତି ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମିଲୁଚରଣ ଦେହୁରୀ ଅତିଥିମାନଙ୍କର ପରିଚୟ କରିଥିଲେ। ଶିଶୁବାଟିକା ପ୍ରମୁଖ ରତ୍ନପ୍ରଭା ସାହୁ ଉଦ୍ଦେଶ୍ୟ କଥନ କରିଥିଲେ। ଢେଙ୍କାନାଳ ବିଭାଗର ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ଓ ଔପଚାରିକ ଅନୋପଚାରିକ ଶିକ୍ଷା ଓ ବିଦ୍ୟାଭାରତୀଙ୍କ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟା ବବିତା ବିଶ୍ୱାଳ କ୍ରିୟାକଳାପର କିଛି ଝଲକ ଅଭିଭାବିକା ତଥା ଅଭିଭାବକଙ୍କୁ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମମାଟିରେ ସହିଦ ପ୍ରଭାତ ପତିଙ୍କ ଶେଷକୃତ୍ୟ ସମ୍ପନ୍ନ



**ଯୋରନ୍ଦା, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନା ଅନ୍ତର୍ଗତ ବାଇଁଶିଆ ଗ୍ରାମ ଠାରେ ନିଜ ଜନ୍ମମାଟି ଶ୍ମଶାନ ଠାରେ ସିଆରପିଏଫ ଯବାନ ପ୍ରଭାତ ପତି(୩୪) ଙ୍କ ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗତ ରବିବାର ଜାମସେଦପୁର ଟାଟା ଠାରେ ମେଡିକାଲରେ ତାଙ୍କର ପରଲୋକ ହୋଇଥିଲା। ସେ ସିଆରପିଏଫ ୧୫୭ ବାଟାଲିୟନ ଝାଡ଼ଖଣ୍ଡ ଠାରେ କାର୍ଯ୍ୟରତ ଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ଆଜି ପୂର୍ବାହ୍ନ ୧୧ଘଣ୍ଟା ସମୟରେ ରାଞ୍ଚି ଠାରୁ ତାଙ୍କ ମରଶରୀର ଭୁବନେଶ୍ୱର ଅଣାଯାଇଥିଲା। ସେଠାରୁ ନିଜ ଗ୍ରାମକୁ ଅଣାଯିବା ପରେ ଶହ ଶହ ଗ୍ରାମବାସୀ ତାଙ୍କ ଶବାଧାରରେ ସାମିଲ ହୋଇ ଶେଷ ସମ୍ମାନ ଜଣାଇଥିଲେ। ଢେଙ୍କାନାଳ ସଦର ବିଧାୟକ ସୁଧୀର ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବ୍ଲକ ଚେୟାରମ୍ୟାନ ରୀନାରାଣୀ ଖଟୁଆ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, କୃଷକ ନେତା ରାମଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଶହୀଦଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ବାଇଁଶିଆ ଓ ଯୋରନ୍ଦା ଅଞ୍ଚଳର ହଜାର ହଜାର ଲୋକ ଶେଷକୃତ୍ୟରେ ସାମିଲ ହୋଇ ଶହୀଦ ଅମର ରହେ, ଶହିଦ୍ ପ୍ରଭାତ ପତି ଜିନ୍ଦାବାଦ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମରଶରୀର ସହିତ ଆସିଥିବା ସିଆରପିଏଫ ଅଧିକାରୀମାନେ ଶହିଦ୍ଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଲାମୀ ଦେଇଥିଲେ। ସ୍ୱର୍ଗତ ହରିଚନ୍ଦନ ପତିଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଭାତ ସେ ୨୦୧୭ ମସିହାରେ ସିଆରପିଏଫରେ ଯୋଗଦେଇଥିଲେ। ତାଙ୍କର ମାଆ, ସାନଭାଇ, ବିଧବା ପତ୍ନୀ(ସୁମିତ୍ରା ପଣ୍ଡା), ୫ବର୍ଷର ଝିଅ (ଫିକିଲ୍) ଅଛନ୍ତି।

## ଗଡ଼ଖଙ୍କିରାରେ ବାଦିପାଲା

**ଗଁଦିଆ, ୨୩।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଗଡ଼ଖଙ୍କିରାରେ ୩ଦିନ ଧରି ଓଡ଼ିଆ ସଂସ୍କୃତି ଓ ଲୋକଶିକ୍ଷା କାର୍ଯ୍ୟକ୍ରମ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାୟକ ରସରାଜା ରମେଶ ଚନ୍ଦ୍ର ବାରିକ (ବାଙ୍କି) ଓ ଗାୟକ ସୁଧା କଳାନିଧି ପ୍ରଶାନ୍ତ କୁମାର ବେହେରା ନଡଣପୁର ପାଲା ପରିବେଷଣ କରିଥିଲେ। ଓଡ଼ିଆ ସାହିତ୍ୟର ଅସ୍ମିତାର ପ୍ରତୀକ ଛାନ୍ଦ, ଚଉପଦୀ, ଚମ୍ପୁ ଇତ୍ୟାଦି ହଜିଯାଇଥିବା ପରମ୍ପରାଗତ କାବ୍ୟ, ବେଦ, ଉପନିଷଦ, ଛନ୍ଦ, ବ୍ୟାକରଣ ଇତ୍ୟାଦିର ଆଲୋଚନା କରିଥିଲେ। ଜନସାଧାରଣଙ୍କ ସାଧାରଣ ଚଳଣି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରାଯାଇ ଲୋକ ଶିକ୍ଷା ପ୍ରଦାନ କରାଯାଇଥିଲା। ଭକ୍ତି ଭାବନାର ଅମିୟଭାବ ସୃଷ୍ଟି କରାଯାଇ ଈଶ୍ୱରୀୟଭାବର ଏକ ବିଶ୍ୱାସ ସୃଷ୍ଟି କରାଯାଇଥିଲା।



### ବଦଳୁଛି ଢେଙ୍କାନାଳ ବିଧାନସଭା ଆସନର ଗଣିତ

# ବିଜେଡି ମୁହାଁ ଅସନ୍ତୁଷ୍ଟ ବିଜେପି କର୍ମୀ

**ଗଁଦିଆ, ୨୩।୪ (ସମିସ)**

ପୂର୍ବରୁ ଗଁଦିଆରେ ଥିଲା ମୋଦି ହାୱା। ହେଲେ ୨୦୧୯ ଚାଲର ପୁନରାବୃତ୍ତି କରିଛି ବିଜେଡି। ଗାଁ ଗାଁରେ ଥିବା ଅସନ୍ତୋଷକୁ ନେଇ ବିଜେପି କର୍ମୀଙ୍କୁ ନିଜ ପାଖକୁ ଆଣିବାରେ ଲାଗିଛି ବିଜେଡି। ଫଳରେ ଏଠାରେ ଦିନକୁ ଦିନ ବିଜେଡିର ହାତମୁଠା ଟାଣ ହେଉଥିବା ବେଳେ ଘନ ଘନ ମିଶ୍ରଣ ପର୍ବ ଗନ୍ଦିଆ ଗଣିତକୁ ଗୋଳମାଳିଆ କରିବାରେ ଲାଗିଛି। ଗଁଦିଆରେ ଜୋର ଧରିଲାଣି ରାଜନୀତି ତାତି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁଧୀର କୁମାର ସାମଲ (ନିଧି ଭାଇ ) ଓ ବିଜେପିର କୃଷ୍ଣଚନ୍ଦ୍ର ପାତ୍ର ନିର୍ବାଚନ ମୈଦାନରେ ଭୋଟ କସରତ ଚଳାଇଛନ୍ତି। ଉଭୟ ଦ୍ୱତୀୟ ଥର ପାଇଁ ପରସ୍ପରକୁ ସାମ୍ନା କରୁଛନ୍ତି। ବିଧାୟକ ସୁଧୀର କୁମାର ସାମଲ ବିଜୟ ଲକ୍ଷ୍ୟରେ ରହିଥିବା ବେଳେ ବିଜୟ ସ୍ୱାଦ ଚାଖିବାକୁ ବ୍ୟାକୁଳ କୃଷ୍ଣଚନ୍ଦ୍ର ପାତ୍ର। ୨୦୧୯ ନିର୍ବାଚନରେ ସୁଧୀର କୁମାର ସାମଲ ଓ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମଧ୍ୟରେ ହୋଇଥିଲା ବଡ଼ ଫାଇଟ। ସୁଧୀର କୁମାର ସାମଲ ୨୧ ହଜାର ୦୬୦ ଭୋଟରେ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପରାଜିତ କରିଥିଲେ। ସୁଧୀର କୁମାର ସାମଲ ୮୯ ହଜାର୯୫୬ଖଣ୍ଡ ଭୋଟ ପାଇଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଖାତାକୁ ଯାଇଥିଲା ୬୮ହଜାର୮୯୬ ଖଣ୍ଡ ଭୋଟ। ଆରମ୍ଭରୁ ସୁଧୀରଙ୍କ ପଲା ଭାରି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଅସନ୍ତୁଷ୍ଟ ବିଜେପି କର୍ମୀଙ୍କୁ ନିଜ ଆଡକୁ ଭିଡ଼ି ବାଜି ପଲଟାଇ ଦେଇଥିଲେ। ଏଥର ଆରମ୍ଭରୁ ରଣନୀତିକୁ ଆପଣାଇଛି ବିଜେଡି। ଗତ କିଛିଦିନ ହେଲା ଆସନ୍ତୁଷ୍ଟ ବିଜେପି କର୍ମୀଙ୍କୁ ଆପଣାଇବାରେ ଦଳ ବେଶ ସହାୟକ ହୋଇଛି। ଦେଓଗାଁ, ସୋରିସିଆପଦା, ବିଧରପୁରୁ, ପୋରୁହଖୋଜ, ଷଡଙ୍ଗୀ, ରାଇତାଳକ, ମଦାର, ବେଗା, ବାରଦା, ପୁରୁଣା ଅମାଙ୍ଗ, କାଶୀପୁର, ମଠତେନ୍ତୁଳିଆ, ଖଣ୍ଡବନ୍ଧ, ରତନପୁର ଆଦି ଇଲାକାରେ ବିଜେପିର ସ୍ଥିତି ଭଲ କୁହାଯାଉଥିଲା। ହେଲେ ଏବେ ବିଜେଡିର ମାଷ୍ଟର ଷ୍ଟ୍ରୋକ ପରେ ସ୍ଥିତିରେ ପରିବର୍ତ୍ତନ ଆସିଥିବା ଚର୍ଚ୍ଚା ହେଉଛି। କିଛି ଅସନ୍ତୁଷ୍ଟ ବିଜେପି କର୍ମୀକୁ ସପକ୍ଷରେ ଆଣି ବିଜେଡି ସ୍ଥିତି ବହୁତ ମଜଭୁତ କରୁଥିବା କୁହାଯାଉଛି। ଗତ ଥର କଂଗ୍ରେସ ଟିକେଟରେ ନବୀନ ନନ୍ଦ ନିର୍ବାଚନ ଲଢ଼ିଥିଲେ। ସେ ୨୪ ହଜାର.୬୮୮. ଖଣ୍ଡ ଭୋଟ ପାଇଥିଲେ। ଏବେ କଂଗ୍ରେସର ପୂର୍ବ ସ୍ଥିତି ମଧ୍ୟ ନାହିଁ। କଂଗ୍ରେସ ତରଫରୁ ରାଜ ପରିବାରର ବୋହୂ ସସ୍ମିତା ସିଂହଦେଓଙ୍କୁ ଟିକେଟ ମିଳିଛି। କଳବଳ ଲଗାଇ ଅସନ୍ତୁଷ୍ଟଙ୍କୁ ମନାଇବାରେ ବିଜେଡି ସଫଳ ହେଉଥିବା ବେଳେ ସେମାନଙ୍କୁ ରୋକିବା ବିଜେପି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ବିଜେଡି ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କୁ ଦ୍ୱତୀୟ ଥର ବିଧାୟକ କରାଇବେ ନା କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମର୍ଥନ ଦେଇ ପରିବର୍ତ୍ତନ ଆଣିବେ, ତାହା ଉପରେ ସମସ୍ତଙ୍କର ନଜର ରହିଛି।





